# ଝାର୍‌ଦାବ



ସେଣ୍ଟର୍ ଫର୍ ଫରେଷ୍ଟ୍ରି ଆଣ୍ଡ୍ ଗଭର୍ଣ୍ଣାନ୍ସ

ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍

## ଏ ସଂଖ୍ୟାରେ...


ପୃଷ୍ଠା

**ବିଶେଷ କଥନ**
ଅଠା: ଏକ ମୂଲ୍ୟବାନ ଜଙ୍ଗଲଜାତ ଦ୍ରବ୍ୟ ୧

**ଚାଷବାସ**
ବାଇଗବା ୪

**ସଭା ସମିତି**
ସମବାୟ ପରିଚାଳନା କର୍ମଶାଳା ୭

**ଘରୋଇ ଚିକିତ୍ସା**
ଚିରେଯିତା ୯
ଯଷ୍ଟିମଧୁ ୧୦

**ଖବରକାଗଜ ପୃଷ୍ଠାରୁ**
ପରିଶ୍ରମ ତୁଳନାରେ ଲାଭ କମ୍, ଚଳିଯାଉଛି ୧୧

ଲୁଣ ବଦଳରେ ବନଜାତ ଦ୍ରବ୍ୟ ସଂଗ୍ରହ ହେଉଥିବା ଅଭିଯୋଗ ୧୧

ହାତରେ ସୁନା ପାତ, ପେଟକୁ ନାହିଁ ଭାତ ! ୧୨

**ତଥ୍ୟ କିଞ୍ଚିତ୍**
ବିଜ୍ଞପ୍ତି ୧୩


## ପାଠକ ପାଠିକାମାନଙ୍କୁ ପଦେ...

**'ଝାର୍‌ଦର୍‌ବ୍'** ର ପ୍ରକାଶନ ସଂପର୍କିତ ଆବଶ୍ୟକୀୟ ମତାମତ ଦେଇ ପତ୍ରିକାଟିକୁ ପଠନଯୋଗ୍ୟ କରିବା ନିମନ୍ତେ ଏହାର ପାଠକ ପାଠିକାମାନଙ୍କୁ ଅନୁରୋଧ । ଆଞ୍ଚଳିକ ସ୍ତରରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ସମ୍ପର୍କିତ ଘଟଣା/ଉଦ୍ୟମ/ସମସ୍ୟା ଜନିତ ଲେଖାଗୁଡ଼ିକ ଏଥିରେ ସ୍ଥାନିତ କରାଯିବ । ଏତଦ୍‌ବ୍ୟତୀତ ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ , ପ୍ରକ୍ରିୟାକରଣ, ବ୍ୟବସାୟ ଜନିତ କୌଣସି ସଫଳ ଉଦ୍ୟମକୁ ମଧ୍ୟ ଏହି ପତ୍ରିକା ମାଧ୍ୟମରେ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରାଯିବ । ଏଭଳି ଉଦ୍ୟମ ବିଷୟରେ ସୂଚନା ଦେବା ସହ ଏଥି ନିମନ୍ତେ ଲେଖା ପଠାଇବାକୁ ଅନୁରୋଧ ।

ଆପଣଙ୍କ ସହଯୋଗ ଅପେକ୍ଷାରେ...

**ସଂପାଦନାମଣ୍ଡଳୀ**

## ସମ୍ପାଦକୀୟ...

ଜଙ୍ଗଲରେ ଅନେକ ଦ୍ରବ୍ୟ ମିଳେ ଯାହା ପ୍ରତ୍ୟେକ୍ଷ ବା ପରୋକ୍ଷଭାବରେ ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକମାନଙ୍କର ଅର୍ଥନୀତିକୁ ସୁଦୃଢ କରିଥାଏ । ଏହି ଭଳି କେତେକ ଲଘୁବନଜାତ ଅଛି ଯାହାକୁ ଲୋକେ ନିଜର ପ୍ରତିଦିନର ବ୍ୟବହାରରେ ଲଗାଇଥାନ୍ତି ଓ ଅନ୍ୟ କେତେକ ଲଘୁବନଜାତ ଦ୍ରବ୍ୟକୁ ବିକ୍ରି କରି ଦୁଇପଇସା କମାଇଥାନ୍ତି । ଗଛରୁ ମିଳୁଥିବା ଅଠା ଏହି ଭଳି ଏକ ଲଘୁବନଜାତ ଦ୍ରବ୍ୟ । ଏହାକୁ ସଠିକ୍ ପ୍ରଣାଳୀରେ ସଂଗ୍ରହ କରି ଆବଶ୍ୟକୀୟ ପ୍ରକ୍ରିୟାକରଣ କଲାପରେ ଉଚିତ୍ ମୂଲ୍ୟରେ ବିକ୍ରିକରିପାରିଲେ ପରିବାରର ସାମୟିକ ରୋଜଗାର ନିମନ୍ତେ ଏକ ପନ୍ଥା ହୋଇପାରିବ । ଅଠାର ବିବିଧ ବ୍ୟବହାର ଏହାକୁ ଏକ ମୂଲ୍ୟବାନ ଅଣକାଷ୍ଠ ବନଜାତ ଦ୍ରବ୍ୟର ମାନ୍ୟତା ଦେଇଛି ।

ଉପରୋକ୍ତ ବିଷୟକୁ ବିଚାର କରି ଚଳିତ ସଂଖ୍ୟା ଝାରଦରବରେ ଗଛରୁ ମିଳୁଥିବା ଅଠା ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଉପସ୍ଥାପନା ଦିଆଯାଇଅଛି । ଏହା ସଂଗ୍ରହକାରୀ ଓ ବ୍ୟବହାରକାରୀଙ୍କର କାମରେ ଲାଗିଲେ ଆମର ଉଦ୍ୟମ ସଫଳ ହେଲା ବୋଲି ଜାଣିବୁ ।

**ସଂପାଦକ**



# ଅଠା
## ଏକ ମୂଲ୍ୟବାନ ଜଙ୍ଗଲଜାତ ଦ୍ରବ୍ୟ

ଆଦିମକାଳରୁ ଲୋକ ଜଙ୍ଗଲରୁ ମିଳୁଥିବା ଅଠାକୁ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରି ଆସୁଛନ୍ତି । ଅଠା ବ୍ୟବହାରର ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏହା ଲୋକଙ୍କର ଖାଦ୍ୟ, ବ୍ୟବହାର୍ଯ୍ୟ ଜିନିଷ ଆଦିର ପ୍ରସ୍ତୁତିଠାରୁ ଆରମ୍ଭ କରି ଔଷଧ ପ୍ରସ୍ତୁତି ପର୍ଯ୍ୟନ୍ତ କାର୍ଯ୍ୟରେ ବ୍ୟବହାର ହୋଇ ଆସୁଅଛି ।

ବଜାରରେ ବିଭିନ୍ନ ପ୍ରକାରର ଅଠା ମିଳିଥାଏ । ବିଭାଗୀକରଣ ତଥା ଗୁଣବତ୍ତା ଦୃଷ୍ଟିରୁ ବଜାରରେ ଚାହିଦା ବା ଦର ନିର୍ଦ୍ଧିଷ୍ଟ ହୁଏ । ଉଚ୍ଚଗୁଣମାନ ଥିବା ଅଠାର ଦାମ ଅଧିକ ହୋଇଥାଏ । ତେବେ ବଜାରରେ ମିଳୁଥିବା ଓ ଚାହିଦାଥିବା ଅଠାଗୁଡ଼ିକ ହେଲା କରାୟା, ଖଇର, ଧଉରା, କୁମତ, ବାବୁଲ, ଫୁଲାହି ଆଦି ଗଛର ଅଠା ।

ଅଠା ବିଭିନ୍ନ ପ୍ରକାରର ଅଟେ ଏବଂ ଏହାର ବ୍ୟବହାର ମଧ୍ୟ ଭିନ୍ନ । ଅନ୍ୟ ଅଣକାଷ୍ଠଜାତ ଦ୍ରବ୍ୟମାନଙ୍କ ତୁଳନାରେ ଏହା ମୂଲ୍ୟବାନ ଅଟେ । ତାହାଛଡା ଏହାର ଉନ୍ନତ ବଜାର ଚାହିଦା ଅଛି ଏବଂ ଏହାକୁ ସଂଗ୍ରହ କରାଯାଇ ବଜାରରେ ବିକ୍ରି କରାଯାଏ । ମୁଖ୍ୟତଃ ଆଦିବାସୀମାନେ ବା ଜଙ୍ଗଲ ନିକଟସ୍ଥ ଗ୍ରାମବାସୀମାନେ ଏହାକୁ ସଂଗ୍ରହ କରି ବଜାରକୁ ଆଣିଥାନ୍ତି ଏବଂ ବିକ୍ରୟ କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି । ଅଠା ସାଧାରଣତଃ ଦୁଇପ୍ରକାର । ପ୍ରଥମଟି ଜଳରେ ଦ୍ରବଣୀୟ ଏବଂ ଅନ୍ୟଟି ଜଳଗ୍ରହଣ କରି ଫୁଲିଥାଏ । ସମ୍ପ୍ରତି ଏହିଅଠାର ବଜାର ଚାହିଦାର ମୁଖ୍ୟ କାରଣ ହେଲା ପ୍ରସାଧନ ସାମଗ୍ରୀ ଏବଂ ଔଷଧ ବ୍ୟବହାର । ଏଥିରେ କିଛି ପରିମାଣରେ କ୍ଷାରକ ଅଂଶ ରହିଛି । ତେଣୁ ସାବୁନ୍ ପ୍ରସ୍ତୁତିରେ ଲାଗେ । ବିଭିନ୍ନ କାମରେ ଅଠା ଲାଗିଥାଏ । ଉଚ୍ଚଗୁଣଯୁକ୍ତ ଅଠାଗୁଡ଼ିକ ବିଭିନ୍ନ କାଠ କାରଖାନାମାନଙ୍କରେ ଯୋଡେଇ ନିମନ୍ତେ ବ୍ୟବହାର କରାଯାଏ । କାରଣ ଏହା ପ୍ରାକୃତିକ ଭାବେ ହିଁ ଅଠାଗୁଣଯୁକ୍ତ ଅଟେ । ବିଶେଷକରି ଯେଉଁ ଅଠାରେ କୌଣସି ବର୍ଣ୍ଣ ନଥାଏ ଏବଂ ଅଠାଳିଆ ଗୁଣ ଅଧିକ ମାତ୍ରାରେ ଥାଏ ; ତାହାହିଁ ହେଉଛି ସବୁଠାରୁ ମୂଲ୍ୟବାନ୍ ଅଠା । ଏହା ସାଧାରଣତଃ ଔଷଧ, ୱାଟର କଲର (ପାଣି ରଙ୍ଗ), ପ୍ରସ୍ତୁତିରେ ଲାଗେ । ଅନ୍ୟାନ୍ୟ ସାଧାରଣ ଅଠାଗୁଡ଼ିକ ଛପାକାଳୀ, ବୁଣା ହୋଇଥିବା ବସ୍ତ୍ରରେ ରଙ୍ଗ ଲଗାଇବା ପାଇଁ ଏବଂ ରଙ୍ଗ ତିଆରି କାରଖାନାରେ ବ୍ୟବହୃତ ହୁଏ । ବର୍ତ୍ତମାନ ଏହି ଅଠାକୁ ଚୁଇଁଗମ୍‌ରେ ଏବଂ ଖାଦ୍ୟରେ ମଧ୍ୟ ବ୍ୟବହାର କରାଗଲାଣି ।

ଏହି ଅଠାଳିଆ ପଦାର୍ଥ ମୁଖ୍ୟତଃ ଜଙ୍ଗଲମାନଙ୍କରେ ଦେଖିବାକୁ ମିଳିଥାଏ । ଜଙ୍ଗଲରେ ଥିବା ଉଞ୍ଚାଗଛମାନଙ୍କରେ ଏହା ଶୀତଳ ଏବଂ ଘଞ୍ଚ ଜଙ୍ଗଲ ଥିବା ପରିବେଶରେ ଖୁବ୍ ମିଳିଥାଏ । ଭାରତରେ ଘଞ୍ଚ ଜଙ୍ଗଲ ଥିବା ଅଞ୍ଚଳ ଯଥା ଆସାମ୍, ରାଜସ୍ଥାନ (ମେଘାଳୟ), ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଝାଡଖଣ୍ଡ, ପଶ୍ଚିମବଙ୍ଗ ଆଦି ରାଜ୍ୟମାନଙ୍କରେ ପ୍ରଚୁର ପରିମାଣରେ ମିଳେ । ଓଡ଼ିଶାରେ ଏହା ଏକ ମୂଲ୍ୟବାନ୍ ତଥା ପ୍ରଚୁର ଭାବେ ମିଳୁଥିବା ବନଜାତ ଅଣକାଷ୍ଠ ଜାତୀୟ ଦ୍ରବ୍ୟ ଭାବେ ପରିଗଣିତ । ଓଡ଼ିଶାରେ କୋରାପୁଟ, କଳାହାଣ୍ଡି, ମାଲକାନଗିରି, କେନ୍ଦୁଝର, ମୟୁରଭଞ୍ଜ, ନୟାଗଡ଼ ଆଦି ଜିଲ୍ଲାମାନଙ୍କରେ ମିଳିଥାଏ । ବର୍ଷର ପ୍ରାୟ ସବୁ ସମୟରେ ଏହା ଦେଖିବାକୁ ମିଳୁଥିଲେ ମଧ୍ୟ ଅମଳ କରିବା ବା ସଂଗ୍ରହ କରିବା ପାଇଁ ଗ୍ରୀଷ୍ମଋତୁ ହେଉଛି ପ୍ରକୃଷ୍ଟ ସମୟ । କିଛି ଅଠା ଖରାଦିନେ ପ୍ରତ୍ୟେକ ଦିନ ସଂଗ୍ରହ ହେଉଥିବାବେଳେ ଅନ୍ୟଗୁଡ଼ିକ ଶୀତ ଦିନରେ ଦିନେ ଛଡ଼ା ଦିନେ ସଂଗ୍ରହ ହୋଇଥାଏ ।

ଏହାକୁ ଅନେକ ଗୁଡ଼ିଏ ବିଭାଗ ଦ୍ୱାରା ବିଭକ୍ତିକରଣ କରାଯାଇଛି । ବିଭିନ୍ନ ବିଭାଗରେ ଥିବା ଅଠାଗୁଡ଼ିକ ବିଭିନ୍ନ ବିବିଧତାରେ ପରିପୂର୍ଣ୍ଣ । ଏହି ପ୍ରକାରଗୁଡ଼ିକ ହେଲା :

୧. ଆସାମିଆ କେଟେଚୁ (ଖଇର)
୨. ଆସାମିଆ ମୋଡେଷ୍ଟା (ଫୁଲାହି)
୩. ଆସାମିଆ ନିଲୋଟିକା ଏସଏସପି. ଇଣ୍ଡିକା (ବାବୁଲ)
୪. ଆସାମିଆ ସେନିଗଲ (କୁମତି)
୫. ଆନେଜେଇସସ୍ ଲାଟିଫୋଲିଆ (ଧଉରା ବା ଧୱାଡା)
୬. ବୁହିନିଆ ରେଚୁସା (ସେମ୍ଳା)
୭. ଲେନିଆ କୋରମଣ୍ଡେଲିକା (ଝିଂଗନ୍)
୮. ପ୍ଟେରୋକାର୍ପସ୍ ମାରାସୁପିୟମ (ବିଜଶାଳ)
୯. ଷ୍ଟେରିକୁଲିଆ ୟୁରେନ୍‌ସ (କୁଲୁ) (ଗମ୍ କୟେରା)

ଏହାଛଡ଼ା ଅନ୍ୟ ଗଛମାନଙ୍କରେ ଅତି ସ୍ୱଳ୍ପ ପରିମାଣର ଅଠା ମିଳିଥାଏ ଯଥା;

୯. ଷ୍ଟେରିକୁଲିଆ ୟୁରେନ୍ସ
୧. ଅଲ୍‌ବିଜିଆ ଚିନେନିସ୍ (କଳା ଶିରିଷ)
୨. ଅଲ୍‌ବିଜିଆ ଲିବେକ୍ (ଶିରିଷ)
୩. ଅଲ୍‌ବିଜିଆ ପ୍ରୋସେରା (ସେଫଡ୍ ଶିରିଷ)
୪. ଅନାକାଡିୟମ ଓସିଡେଣ୍ଟାଲେ (କାଜୁ)
୫. ଅଜାଡିରଚ୍ଚଟା ଇଣ୍ଡିକା (ନିମ୍ବ)
୬. ବୁହିନିଆ ଏସ୍‌ପିପି (ବୁହିନିଆ)
୭. କ୍ଲୋରୋସ୍କିଲୋନ୍ ସ୍ୱଟିନିଆ (ସାଟିନ୍ ଉଡ୍)
୮. ଏଲିଓ ଡେଣ୍ଡରୋମ ଗ୍ଲୁକମ୍
୯. ଫେରୋନିଆ ଲିମୋନିଆ (କଇଥ)
୧୦. ମେଙ୍ଗିଫେରା ଇଣ୍ଡିକା (ଆମ୍ବ)

ଅଠା ଧରୁଥିବା ଗଛମାନଙ୍କ ମଧ୍ୟରେ ଖଇର ଏକ ପ୍ରକାର ସୀମିତ ଉଚ୍ଚତାର ଗଛ ଏବଂ ଏହା ଘଞ୍ଚ ଜଙ୍ଗଲମାନଙ୍କରେ ଦେଖାଯାଇଥାଏ । ଏହି ଗଛରେ ଧରୁଥିବା ଅଠାଟି ଗଛରେ ଥିବା ଫାଟରୁ ତଳକୁ ୩ ସେଣ୍ଟିମିଟର ବ୍ୟାସ ବିଶିଷ୍ଟ ହୋଇଥାଏ । ଏହା ଗହମା ହଳଦିଆ ରଙ୍ଗର ହୋଇଥାଏ । ଏହି ଗଛରୁ ୧ କିଲୋଗ୍ରାମ ରୁ ୨ କିଲୋଗ୍ରାମ ପର୍ଯ୍ୟନ୍ତ ଅଠା ସଂଗ୍ରହ ହୋଇଥାଏ । ଏହା ଔଷଧ ଓ ରଙ୍ଗ ତିଆରି କାମରେ ଲାଗିଥାଏ ।



"ଫୁଲାହି" ଏକ ମଧ୍ୟମଧରଣର ଗଛ ଯାହା ହିମାଳୟ ତଥା ତାହାର ପାଦଦେଶରେ ଥିବା ହିମାଚଳ ପ୍ରଦେଶର ଜଙ୍ଗଲ ତାହାଛଡା ପଞ୍ଜାବ, ହରିୟାନା ଓ ଉତ୍ତରପ୍ରଦେଶ ଆଦି ରାଜ୍ୟରେ ଦେଖାଯାଏ ଏବଂ ଏଥିରୁ ମିଳୁଥିବା ଅଠା ଔଷଧ ଏବଂ କାର୍ପାସ୍ ଲୁଗାରେ ଛାପ ପାଇଁ ବହୁଳ ବ୍ୟବହାର କରାଯାଉଥିବାବେଳେ ବହୁ ପରିଚିତ ।

"ବାବୁଲ" ଗଛଟି ଭାରତବର୍ଷରେ ଚାରିଆଡ଼େ ଦେଖାଯାଏ । ଏହା ଏକ ମଧ୍ୟମଧରଣ ଉଚ୍ଚତାର ଗଛ ଅଟେ । ଏହି ଗଛରେ ଅଠାଗୁଡ଼ିକ ମୁଖ୍ୟତଃ ମାର୍ଚ୍ଚରୁ ମେ ମାସ ମଧ୍ୟରେ ଝରିଥାଏ ଏବଂ ଶୁଖିଥାଏ । ପ୍ରତ୍ୟେକ ଗଛରୁ ବର୍ଷକୁ ପ୍ରାୟ ୧ କିଲୋଗ୍ରାମ ପର୍ଯ୍ୟନ୍ତ ଅଠା ମିଳିଥାଏ । ଏହା ଇଷତ ଧଳା ବା ପାଉଁସିଆ ରଙ୍ଗର ଲାଲ୍ ଓ ମାଟିଆ ମିଶା କିମ୍ବା ଗଛର ବୟସ ଅନୁପାତରେ ଗାଢ କଳା ରଙ୍ଗର ହୋଇଥାଏ । ଏହାର ବଜାର ଦର ଖୁବ୍ ଅଧିକା ଅଟେ । ଏହା ଔଷଧ, କାର୍ପାସବସ୍ତ୍ର ରଙ୍ଗାଇବା, କାଗଜକଳମାନଙ୍କରେ ଅଧିକା ପରିମାଣରେ ବ୍ୟବହାରରେ ଲାଗିଥାଏ ।

ପଞ୍ଜାବ, ରାଜସ୍ଥାନ ଓ ଆରାବଳୀ ପର୍ବତରେ ବହୁଳଭାବରେ ଦେଖାଯାଇଥିବା ଗଛଟିର ନାମ "କୁମତ" । ଅଠା ବାହାରୁଥିବା ଏହି ଗଛଟି ଆକାରରେ ଛୋଟ ଏବଂ ଅଠାଗୁଡ଼ିକ ଏହା ଫାଟ ଅଂଶରୁ ହିଁ ବାହାରିଥାଏ । ଏହା ଔଷଧ, ପ୍ରସାଧନ ସାମଗ୍ରୀ, ସୂତାକଳ, ଜୋତା ପଲିସ୍ ପାଇଁ ରଙ୍ଗ ଓ କାଠକାରଖାନାମାନଙ୍କରେ ରଙ୍ଗ ଦେବା ପାଇଁ ବ୍ୟବହୃତ ହୁଏ ।

ପତ୍ରଝଡା ଦେଉଥିବା ଶୁଷ୍କ ଜଙ୍ଗଲମାନଙ୍କରେ ଧଉରା ନାମକ ଏକ ଗଛ ଦେଖିବାକୁ ମିଳେ । ଏହା ଏକ ବିଶାଳ ଗଛ ଅଟେ । ଗଛରେ ଥିବା ଫାଟରୁ ଲୁହ ପରି ଏହା ବୋହିଥାଏ ଏବଂ ଶୁଖିଗଲା ପରେ ମଧ୍ୟ ଫାଟେନାହିଁ । ଏହା ଏକ ମୂଲ୍ୟବାନ ଅଠା । ବଜାରରେ ଖୁବ୍ ଚାହିଦା ଅଛି । ଔଷଧ, କାଗଜକାରଖାନା ଓ ପେଟ୍ରୋଲିୟମ ଶିଳ୍ପରେ ଏହା ଖୁବ୍ କାମରେ ଲାଗିଥାଏ ।

ସେମ୍‌ଲା ଏକ ମଧ୍ୟମଧରଣର ଗଛ ଅଟେ । ଏହା କେବଳ ଉତ୍ତର ଦକ୍ଷିଣ ହିମାଳୟ ପାର୍ବତ୍ୟାଞ୍ଚଳରେ ଦେଖାଯାଇଥାଏ । ସ୍ଥାନୀୟ ଭାଷାରେ ଏହାକୁ "ସେମଲଗଣ୍ଡ" ବୋଲି କହିଥାଆନ୍ତି । ଗୋଟିଏ ଗଛରୁ ବର୍ଷକୁ ପ୍ରାୟ ୨ କିଲୋଗ୍ରାମ ପର୍ଯ୍ୟନ୍ତ ଅଠା ମିଳିପାରେ । ଏହି ଅଠା ଜଳ ନିରୋଧି ଅଟେ ।

"ଝିଙ୍ଗାନ" ଗୋଟିଏ ବିଶାଳକାୟ ଗଛ ଅଟେ ଏବଂ ଏହା ସାରା ଭାରତବର୍ଷରେ ଦେଖିବାକୁ ମିଳେ । ଗଛର ଛେଲି ବା ଶାଖା ସଂଯୁକ୍ତ ସ୍ଥାନରେ ଅଠାଗୁଡ଼ିକ ବୋହିଥାଏ । ଏହା ରଙ୍ଗହୀନ ଅଟେ । ଏହାକୁ ସାଧାରଣତଃ ବର୍ଷାଦିନ ଆରମ୍ଭରୁ ସଂଗ୍ରହ କରାଯାଇଥାଏ । ବର୍ଷକୁ ପ୍ରାୟ ୫ କିଲୋଗ୍ରାମ ଅଠା ଏହି ଗଛରୁ ସଂଗ୍ରହ କରାଯାଇଥାଏ ।

ଭାରତର ଦକ୍ଷିଣ ପ୍ରାନ୍ତରେ ଦେଖାଯାଉଥିବା ଅନ୍ୟ ଏକ ଗଛର ନାମ ବିଜଶାଳ । ଏହା ଏକ ବିଶାଳକାୟ ଗଛ ଅଟେ । ଏହି ଗଛରୁ ମିଳୁଥିବା ଅଠା ରକ୍ତ ପରି ଲାଲ୍ ରଙ୍ଗର ଅଟେ । ଏହା ଏକ ମୁଖ୍ୟ ଔଷଧୀୟ ଅଠା ଅଟେ । ଏହା ଖୁବ୍ ମୂଲ୍ୟବାନ ହୋଇଥିବାରୁ ଏହାର ବଜାର ଦର ଖୁବ୍ ବେଶୀ । ତରଳ ଝାଡା ଏବଂ ଅଜୀର୍ଣ୍ଣ ଜନିତ ଝାଡା ରୋଗରେ ଔଷଧଭାବେ ବ୍ୟବହୃତ ହୁଏ ।

"କୁଲୁ" ବା "ଗମ୍‌କରାୟା" ବା "କବିଳି" (ଓଡ଼ିଆ) ପୂର୍ବରୁ ଦିଆଯାଇଥିବା ଅଠାମାନଙ୍କ ମଧ୍ୟରୁ ସବୁଠାରୁ ମୂଲ୍ୟବାନ୍ । ଏହାର ଉଦ୍ଭିଦ ନାମ ହେଉଛି ଷ୍ଟେର କୁଲିଆ ୟୁରେନ୍‌ସ, ଷ୍ଟେର୍‌କୁଲିଆକେସ୍ ଏହି ପରିବାରର ଅନ୍ତର୍ଭୁକ୍ତ । ଏହାର ବାଣିଜ୍ୟିକ ନାମ ଇଣ୍ଡିଆନ୍ ଟ୍ରଗକାନ୍ଥ, କରାୟା ଇତ୍ୟାଦି ।

ଏହା ମୁଖ୍ୟତଃ ମାଲେୟସିଆ ଓ ଶ୍ରୀଲଙ୍କାରେ ଦେଖାଯାଏ । ତେବେ ଭାରତରେ ମଧ୍ୟ ଏହି ଗଛ ବହୁତ ପରିମାଣରେ ଦେଖିବାକୁ ମିଳିଥାଏ । ଏହା ଏକ ମଧ୍ୟମଧରଣର ଗଛ ଅଟେ । ଉଚ୍ଚତାରେ ୧୦ ରୁ ୧୫ ମିଟର ପର୍ଯ୍ୟନ୍ତ ବଢ଼ିଥାଏ । ଗଛଗୁଡ଼ିକ ନଭେମ୍ବର ମାସରୁ ଏପ୍ରିଲ ମାସ ପର୍ଯ୍ୟନ୍ତ ଧିରେ ଧିରେ ପତ୍ରଝଡ଼ା ଦିଅନ୍ତି, ଏବଂ ମାର୍ଚ୍ଚ ଏପ୍ରିଲ୍ ମାସରୁ ପୁନଃ ପତ୍ର କଅଁଳିଥାଏ । ଫୁଲ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଫୁଟେ ଏବଂ ଫଳ ଏପ୍ରିଲ ମାସରୁ ଧରିଥାଏ । ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ତାମିଲନାଡୁ, ଗୁରୁରାଟ, ବିହାର ଏବଂ ଓଡ଼ିଶାରେ ବହୁଳ ପରିମାଣରେ ଦେଖାଯାଏ । ଖାଦ୍ୟଭାବେ ଆଇସ୍‌କ୍ରିମ, ଫଳରସ ଓ ଅନ୍ୟାନ୍ୟ ଖାଦ୍ୟ ତିଆରିରେ ବ୍ୟବହୃତ ହୁଏ ଓ ଏହାର ଜଳ ସଂରକ୍ଷକ ଗୁଣ ଅଛି । ଔଷଧ ତିଆରିରେ ବହୁଳ ପରିମାଣରେ ଲାଗେ ।

ଏହାଛଡା ଅନ୍ୟ କେତେକ ପ୍ରକାରର ଗଛ ଅଛି ଯେଉଁଥିରେ ଅତି ଅଳ୍ପ ପରିମାଣର ଅଠା ଧରିଥାଏ । ତନ୍ମଧ୍ୟରୁ ସେଫଡ ଶିରିଷ, କଳା ଶିରିଷ, ଶିରିଷ ପାଖାପାଖି ଗୋଟିଏ ପ୍ରଜାତିର ଗଛ । ଏହା ଦେଖିବାକୁ ବୃହଦାକାର ଏବଂ ଏହାର ଶାଖା ସଂଯୁକ୍ତ କିମ୍ବା କ୍ଷତ ସ୍ଥାନରୁ ନାଲି ମିଶା ମାଟିଆ ରଙ୍ଗର ଅଠା ବାହାରେ । ବ୍ୟବହାରରେ କାଗଜ ଓ ଲୁଗା ତିଆରି କାରଖାନାମାନଙ୍କରେ ଲାଗିଥାଏ ।



କାଙ୍କୁ ଗୋଟିଏ କମ୍ ଆକାର ତଥା ଛୋଟ ଉଚ୍ଚତାର ଗଛ । ବର୍ଷସାରା ସବୁଜ ରହୁଥିବା ଏହି ଗଛରେ ହଳଦିଆ ଓ ଗାଢ଼ ଲାଲ୍ ରଙ୍ଗର ଅଠା ଝରିଥାଏ । ଏହି ଅଠା ବହିବନ୍ଧା କାର୍ଯ୍ୟରେ ଓ କୀଟନାଶକ ଦ୍ରବ୍ୟ ଭାବରେ ବ୍ୟବହାର କରାଯାଏ । ସେହିଭଳି ନିମ୍ବ, ବୁହିନିଆ, ସାଟିନ୍ ଭଡ, କଇଥ, ଆମ୍ବ ଆଦି ଗଛମାନଙ୍କରୁ ଅଠା ମିଳିଥାଏ, ମାତ୍ର ଏହା ମୂଲ୍ୟବାନ୍ ନୁହେଁ କିମ୍ବା ଏହାର ବଜାର ଗ୍ରହିଦା ନାହିଁ କହିଲେ ଚଳେ ।

**ସଂଗ୍ରହର ପ୍ରଣାଳୀ ଓ ପ୍ରକ୍ରିୟାକରଣ**

ଜଙ୍ଗଲ ନିକଟରେ ଆଦିବାସୀମାନେ ରହୁଥିବାରୁ ସକାଳୁ ଯାଇ ସନ୍ଧ୍ୟାବେଳକୁ ସଂଗ୍ରହ କରି ଘରକୁ ଫେରିଆସନ୍ତି ।

ଗଛର ଅଠାଥିବା ସ୍ଥାନକୁ ଛେଲି ସହ ଛଡ଼ାଇ ସଂଗ୍ରହ କରାଯାଇଥାଏ ଅଧିକା କିଛି ସଗ୍ରହ କରି ସାରିଲା ପରେ ପ୍ରାୟ ୧ ସପ୍ତାହ ପରେ ଦା, ଛୁରୀ ସାହାଯ୍ୟରେ ଲାଗିଥିବା ଛାଲିକୁ ଛଡ଼ାଯାଇଥାଏ ।

ଛାଲି ଛଡାଇ ସାରିବା ପରେ ମାଟି ଉପରେ କପଡା କିମ୍ବା ପଲିଥିନ୍ ପକାଇ ଏହାକୁ ଶୁଖାଯାଇଥାଏ । ଯଦି ଶୁଖାଇବା ପାଇଁ ବିଶେଷ ସ୍ଥାନ ଥାଏ ତେବେ ଖୁବ୍ ଭଲ । ଟାଣ ଖରାରେ ୫ ରୁ ୧୫ ଦିନ ପର୍ଯ୍ୟନ୍ତ ଖୁବ୍ ଶୁଖିଲା ପର୍ଯ୍ୟନ୍ତ ଶୁଖାଯାଏ । ଏହାପରେ ଅଠାର ପ୍ରକାର ଭେଦ ଅନୁସାରେ ଏହାକୁ ବିଭାଗୀକରଣ କରାଯାଇଥାଏ । ରଙ୍ଗ ଅନୁଯାୟୀ ବିଭାଗୀକରଣ କରାଯାଇଥାଏ ।

ଧଳାରଙ୍ଗର ଅଠା ସବୁଠାରୁ ଉନ୍ନତମାନର ହୋଇଥିବାବେଳେ ଲାଲ ବା ଲାଲ ମିଶା ରଙ୍ଗ ମଧ୍ୟମମାନର ଏବଂ ଧୂସର ମାଟିଆ ଓ କଳା ରଙ୍ଗର ଅଠା ସର୍ବନିମ୍ନ ମୂଲ୍ୟଯୁକ୍ତ ଅଟେ । ବିଭାଗୀକରଣ କରିସାରିବା ପରେ ଏହାକୁ ପୁରୁଣା ଝୋଟ ବସ୍ତାରେ ସଂରକ୍ଷଣ କରାଯାଏ । ଏହାକୁ ଶୁଷ୍କ ଓ ଶୀତଳ ସ୍ଥାନରେ ରଖାଯାଏ । ଯଦି ପାଉଡର୍ ପାଇଁ ଉଦ୍ଦିଷ୍ଟ ହୋଇଥାଏ ତେବେ ଅତି ସତର୍କତାର ସହ ରଖିବା ଉଚିତ୍ କାରଣ ଜଳୀୟାଂଶ ଲାଗିବାର ସମ୍ଭାବନା ଥାଏ ।

# ବାଇଗବା

ଗାଁ ଗହଳିରେ ଦାନ୍ତକାଠି ରୁ ଆରମ୍ଭ କରି ଫସଲର ବାଡ଼ ଭାବରେ ଅନେକ ବର୍ଷ ଧରି ଅଯତ୍ନ ବ୍ୟବହାର ହୋଇଆସୁଥିବା ଗଛଟି ଯେ ହଠାତ ସମଗ୍ର ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିବ ଏକଥା ବିଶ୍ୱାସ ନହେଲେ ମଧ୍ୟ ସତ । ଗାଁ ଗହଳିରେ ବାଇଗବା ଏବଂ ଉଦ୍ଭିଦ ବିଜ୍ଞାନ ଭାଷାରେ ଜାଟ୍ରୋଫା ନାମରେ ପରିଚିତ ଏହି ଅଳ୍ପ ଉଚ୍ଚତା ବିଶିଷ୍ଟ ଗଛଟି ଉପରେ ଏବେ ବୈଜ୍ଞାନିକମାନେ ରିତିମତ୍ ଗବେଷଣା କରିବା ଆରମ୍ଭ କରିଦେଇଛନ୍ତି । କାରଣ ଏହି ବାଇଗବା ଗଛର ମଞ୍ଜିରୁ ମିଳୁଥିବା ତୈଳ ଡିଜେଲର ବିକଳ୍ପ ଭାବେ କାମରେ ଲାଗିପାରିବ ବୋଲି ଗବେଷଣାରୁ ଜଣା ପଡିବା ପରେ ଏହାର ଚାହିଦା ଖୁବ୍ ବଢିଯାଇଛି । ଏହି ଗଛ ବାୟୁମଣ୍ଡଳରୁ ଅଙ୍ଗାର ସଂଶ୍ଳେଷଣ କରିଥାଏ ଏବଂ ପରିବେଶକୁ ସୁରକ୍ଷିତ ରଖେ । ଏଣୁ ଏଭଳି ଏକ ଗଛକୁ ବ୍ୟବସାୟିକ ଭାବେ କୃଷି କରିବାକୁ ଏବଂ ଡିଜେଲ ବଞ୍ଚାଇବାକୁ ବିଶ୍ୱସ୍ତରରେ ପରିବେଶବିଦ୍‌ମାନେ ଆହ୍ୱାନ ଜଣାଇଛନ୍ତି । ଏହାର ମଞ୍ଜିରୁ ମିଳୁଥିବା ଜୈବିକ ତେଲକୁ ଡିଜେଲ୍‌ର ବିକଳ୍ପଭାବେ ମରସିଡଜ୍ କାର୍ ଓ ଜନଶତାବ୍ଦୀ ଏକ୍ସପ୍ରେସ୍ ଟ୍ରେନ୍‌ରେ ବ୍ୟବହାର କରାଯାଇ ଏହାର ଆବଶ୍ୟକତା ପ୍ରମାଣିତ ହୋଇସାରିଛି ।

ଏହାର ଫଳ ସ୍ୱରୂପ ଭାରତ ସରକାରଙ୍କ ଅଣପାରମ୍ପରିକ ଉର୍ଜା ସ୍ରୋତ ମନ୍ତ୍ରଣାଳୟ ଓ ବିଜ୍ଞାନ କାରିଗରୀ ବିଭାଗ ସହାୟତାରେ ଲକ୍ଷ୍ନୌସ୍ଥିତ ନ୍ୟାସ୍‌ନାଲ୍ ବଟନିକାଲ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ଭାରତ ବର୍ଷରେ ବାଇଗବା ଚାଷ ନିମନ୍ତେ ୧୯ଟି ରାଜ୍ୟର ୨୦୦ଟି ଜିଲ୍ଲାରେ ଅଣଜଙ୍ଗଲ ଜମି ଚିହ୍ନଟ କରାଯାଇଅଛି । ଓଡ଼ିଶାରେ କେନ୍ଦୁଝର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ନୂଆପଡା, ବଲାଙ୍ଗୀର, ପୁରୀ ଆଦି ଜିଲ୍ଲାରେ ମଧ୍ୟ ଏଥି ନିମନ୍ତେ ଜମି ଚିହ୍ନଟ କରାଯାଇଅଛି ।

ବାଇଗବା ଏକ ଛୋଟ, ଚିରହରିତ, ନରମ କାଠଯୁକ୍ତ ଗଛ ଅଟେ । ଉଚ୍ଚତାରେ ଏହା ଆଠ ଫୁଟରୁ ୧୦ ଫୁଟ୍ ପର୍ଯ୍ୟନ୍ତ ବଢିଥାଏ । ଗୋଟିଏ ବାଇଗବା ଗଛ ପ୍ରାୟ ୪୦-୫୦ ବର୍ଷ ପର୍ଯ୍ୟନ୍ତ ବଞ୍ଚି ପାରିଥାଏ । ଏହାର ଡାଳଗୁଡ଼ିକ ଚାରିକଡକୁ ବିଛାଡି ହୋଇ ପଡିଥାଏ ଏବଂ ଡାଳକୁ ଭାଙ୍ଗିଲେ ଇଷତ୍ ହଳଦିଆ ବା ଧଳା ରଙ୍ଗର କ୍ଷୀର ବାହାରିଥାଏ । ବାଇଗବା ଗଛର ପତ୍ରର ଲମ୍ବ ୯ ସେଣ୍ଟିମିଟର ରୁ ୪୦ ସେଣ୍ଟିମିଟର ପର୍ଯ୍ୟନ୍ତ ହୋଇଥିବାବେଳେ ଚଉଡା ୩ ସେଣ୍ଟିମିଟର ରୁ ୫ ସେଣ୍ଟିମିଟର ପର୍ଯ୍ୟନ୍ତ ହୋଇଥାଏ । ଗଛ ଲଗାଇବାର ଦେଢ ରୁ ୨ ବର୍ଷ ମଧ୍ୟରେ ଫୁଲ ଧରିବା ଆରମ୍ଭ ହୋଇଥାଏ । ଖରା ଦିନରେ ଫୁଲଗୁଡ଼ିକ ପେନ୍ଥା ପେନ୍ଥା ହୋଇ ଫୁଟିଥାଏ । ଫୁଲର ରଙ୍ଗ ହଳଦିଆ ଓ ଘଣ୍ଟି ଆକୃତିର ହୋଇଥାଏ । ଏଥିରେ ୫ଟି ପାଖୁଡା ଥାଏ । ମାଈଫୁଲ ଅଣ୍ଡିରା ଫୁଲଠାରୁ ଅକାରରେ ଅଳ୍ପ ବଡ଼ ହୋଇଥାଏ । ଗଛ ବଡ଼ ହେବା ସହିତ ମାଈଫୁଲର ସଂଖ୍ୟା ବଢି ଚାଲିଥାଏ । ପ୍ରତି ପେନ୍ଥାରେ ୧୦ଟିରୁ ଅଧିକ ଫଳ ଥାଏ । ଫଳଗୁଡ଼ିକ ଲମ୍ବରେ ୩ ସେଣ୍ଟିମିଟରରୁ ୪ ସେଣ୍ଟିମିଟର ପର୍ଯ୍ୟନ୍ତ ହୋଇଥିବାବେଳେ ଓଜନ ପ୍ରାୟ ୬ ରୁ ୭ ଗ୍ରାମ ପର୍ଯ୍ୟନ୍ତ ହୋଇଥାଏ ଏବଂ ପ୍ରତ୍ୟେକ ଫଳରେ ୨-୩ଟି ମଞ୍ଜି ମିଳିଥାଏ । ମଞ୍ଜି ଦେଖିବାକୁ କଳା ରଙ୍ଗର ଯାହା ଜଡା ମଞ୍ଜି ସହିତ ପ୍ରାୟ ମିଶିଯାଇଥାଏ । ଏହି ମଞ୍ଜିକୁ ଫଟାଇଲେ ଏକ ଧଳା ଅଠାଳିଆ ଅଂଶ ବାହାରିଥାଏ, ଯେଉଁଥିରୁ ଜୈବିକ ତୈଳ ମିଳିଥାଏ ।

**ବ୍ୟବହାର**

ବାଇଗବା ଗଛକୁ ବିଭିନ୍ନ ଉପାୟରେ ବ୍ୟବହାର କରାଯାଇଆସୁଛି । ଏହି ଗଛଟି ଖୁବ୍ ଶୀଘ୍ର ବଢୁଥିବାରୁ ଓ ମାଟି ସଞ୍ଚୟ କରୁଥିବାରୁ ପତିତ ଜମିମାନଙ୍କରେ ଲଗାଯାଇଥାଏ । ଉଭୟ ମଞ୍ଜି ଓ ଡାଳ ଦ୍ୱାରା ବଞ୍ଚି ପାରୁଥିବା ଏହି ଗଛକୁ ଚାଷଜମି ଚାରିପଟେ ବାଡ ଭାବରେ ମଧ୍ୟ ଲଗାଯାଇଥାଏ ।

ବାଇଗବା ମଞ୍ଜିରୁ ଏକ ପ୍ରକାର ତୈଳ ମିଳିଥାଏ । ଯାହାର ବ୍ୟବହାର ବର୍ତ୍ତମାନ ସାବୁନ୍‌ରେ କରାଯାଉଅଛି । ମଞ୍ଜିକୁ ପେଡିବା ପରେ ଯେଉଁ ପିଡିଆ ବାହାରେ ତାହା ପ୍ଲାଷ୍ଟିକ୍ ଏବଂ ସିନ୍ଥେଟିକ୍ ଫାଇଭର ପ୍ରସ୍ତୁତିରେ ବ୍ୟବହାର କରାଯାଇଥାଏ ଏବଂ ତାହା ଉତ୍କୃଷ୍ଟ ଜୈବିକ ଖତ ଭାବେ ଫସଲରେ ବ୍ୟବହୃତ ହେବା ସହ ଅନ୍ୟାନ୍ୟ ଶୁକ୍ର କୀଟ ଓ ରୋଗପୋକ ନିୟନ୍ତ୍ରଣ ପାଇଁ ଜୈବିକ ପୋକମରା ଔଷଧ ଭାବେ ବ୍ୟବହୃତ ହୋଇଥାଏ । ଏହି ପିଡ଼ିଆରୁ ବିଷାକ୍ତ ଗୁଣକୁ ବାହାର କରାଯାଇ ପାରିଲେ ଏହା ଉତ୍ତମ ଗୋଖାଦ୍ୟ ରୂପେ ବ୍ୟବହାର କରାଯାଇପାରିବ । ଏହାଛଡା କାଣ୍ଡର ରସକୁ ଚମଡା ଶିଳ୍ପରେ ରଙ୍ଗ ଦେବାରେ ବ୍ୟବହୃତ କରାଯାଇଥାଏ । କେତେକ ସ୍ଥଳେ ରେଶମ ଚାଷୀମାନେ ବାଇଗବା ପତ୍ରକୁ ରେଶମ ପୋକର ଖାଦ୍ୟ ଭାବେ ବ୍ୟବହାର କରିଥାନ୍ତି ।

**ଔଷଧୀୟ ବ୍ୟବହାର**

ବାଇଗବା ମଞ୍ଜିରେ "ଜେଟ୍ରୋଫିନ୍" ନାମକ ଏକ "ଆଲ୍‌କାଲଏଡ" ମିଳିଥାଏ । ଏଥିରେ କ୍ୟାନସର୍ ପ୍ରତିରୋଧକ ଶକ୍ତି ଥାଏ । ବିଭିନ୍ନ ଚର୍ମରୋଗ, ଆଣ୍ଠୁଗଣ୍ଠି ଦରଜରେ ଏହାର ତେଲକୁ ମାଲିସ୍ କଲେ ଉପଶମ ମିଳିଥାଏ । ପକ୍ଷାଘାତ, ଡ୍ରପ୍‌ସି, ସାଇଟିକା ଆଦି ରୋଗରେ

ମଧ୍ୟ ଏହା ଅତ୍ୟନ୍ତ ଉପଯୋଗୀ ବୋଲି ପ୍ରମାଣ ମିଳିଛି । ବାଇଗବା ଛାଲିକୁ ଲହୁଣୀ ଓ ହେଙ୍ଗୁ ସହ ମିଶାଇ ଔଷଧ ପ୍ରସ୍ତୁତ କରି ତରଳ ଝାଡାର ପ୍ରତିଶେଧକ ରୂପେ ବ୍ୟବହାର କରାଯାଏ । ସର୍ପଦଂଶନ କରିଥିଲେ ଏହା ମୂଳକୁ ବିଷ ଉପଶର କାର୍ଯ୍ୟରେ ଲଗାଯାଏ । ଏହି ଗଛର କାଣ୍ଡର ରସ ରକ୍ତ ଜମାଟ ବାନ୍ଧିବାରେ ସହାୟକ ହୋଇଥାଏ ଏବଂ ପତ୍ରର ରସ ପ୍ରସବ ବେଦନାକୁ ପ୍ରଶମିତ କରିଥାଏ । ଏହାଛଡା ଏହାର ତେଲକୁ ବିଶୁଦ୍ଧ କରାଯାଇ ବିଭିନ୍ନ ପ୍ରସାଧାନ ସାମଗ୍ରୀରେ ବ୍ୟବହାର କରାଯାଉଛି ।

## ଜଳବାୟୁ

ବାଇଗବା ଉଭୟ ଶୁଷ୍କ ଓ ଉଷ୍ମ ଜଳବାୟୁରେ ବଢିପାରିଥାଏ । ଶୁଷ୍କ ଜଳବାୟୁରେ ବଢୁଥିବା ଗଛରେ ଅଧିକ ଫଳ ହୁଏ ଏବଂ ଅଧିକ ମଞ୍ଜି ମିଳିଥାଏ । ଏହି ଗଛ ମରୁଡି ସହନକ୍ଷମ ଅଟେ । ଯେତେବେଳେ ବହୁଦିନ ଧରି ବର୍ଷା ହୋଇନଥାଏ ସେତେବେଳେ ବାଇଗବା ଗଛ ନିଜର ପତ୍ରଗୁଡ଼ିକୁ ଝଡାଇ ଦେଇ ଜଳଶୋଷଣରୁ ନିଜକୁ ରକ୍ଷା କରିପାରିଥାଏ ।

## ମାଟି

ବାଇଗବା ଯେକୌଣସି ପ୍ରକାରର ମାଟିରେ ବଢିପାରିଥାଏ । ପରୀକ୍ଷାମୂଳକଭାବେ ଦେଖାଯାଇଛି ଯେ ଯେଉଁ ଉଚ୍ଚସ୍ଥାନରେ ଅନ୍ୟ କୌଣସି ଗଛ ଚାଷ ହୋଇପାରିବ ନାହିଁ, ସେଠାରେ ବାଇଗବା ଚାଷ କରାଯାଇପାରିବ । ସାଧାରଣଭାବେ ଉଚ୍ଚ, ପାହାଡ଼ିଆ, ନିଗିଡା ସ୍ଥାନଗୁଡ଼ିକରେ ଏହା ଭଲ ବଢିପାରିଥାଏ । ସମତଳ ଅଞ୍ଚଳରେ ମଧ୍ୟ ଭଲ ବଢିପାରେ । କିନ୍ତୁ ଖାଲୁଆ ଜମି ଏହା ପାଇଁ ଆଦୌ ଉପଯୁକ୍ତ ନୁହେଁ । ବାଲିଆ ଦୋରସା, ଲାଲ ଓ ଜଙ୍ଗଲିଆ ମାଟିରେ ଜଳ ଧାରଣ କ୍ଷମତା ଅଧିକ ଥିବାରୁ ଉକ୍ତ ସ୍ଥାନରେ ଏହା ଅଧିକ ଭଲ ଭାବରେ ବଢିପାରିଥାଏ । ତେବେ କେତେକ କ୍ଷେତ୍ରରେ ମାଟିର ଅମ୍ଳତା ଓ କ୍ଷାର ଅଂଶ ଅଧିକ ଥିଲେ ତାହାକୁ ଶୋଧନ କରିବା ଆବଶ୍ୟକ ହୋଇଥାଏ ।

## ଚାରା ଚୟନ ଓ ପ୍ରସ୍ତୁତି

ବାଇଗବା ଚାରା ୩ଟି ମାଧ୍ୟମ ଦେଇ ପ୍ରସ୍ତୁତ କରାଯାଇପାରେ । ଗୋଟିଏ ହେଲା ଚାଷ ଜମିରେ ସିଧାସଳଖ ମଞ୍ଜି ପୋତିବା ବା ମଞ୍ଜିରୁ ଚାରା ପ୍ରସ୍ତୁତ କରି ଲଗାଇବା, ଦ୍ୱିତୀୟଟି ଡାଳ ଲଗାଇବା ଓ ତୃତୀୟଟି କଲମୀ କରି ଲଗାଇବା ।

ସିଧାସଳଖ ମଞ୍ଜି ଲଗାଉଥିଲେ ମୁଖ୍ୟ କ୍ଷେତରେ ଲଗାଇବା ପୂର୍ବରୁ ବାର ଘଣ୍ଟା ବା ଗୋଟିଏ ରାତି ପାଣିରେ ଭିଜାଇ ତାପରେ ଛାଇ ଖରାରେ ଶୁଖାଇଲା ପରେ ଜମିରେ ଲଗାନ୍ତୁ । କିମ୍ବା ଚାରା କରିବାକୁ ଚାହୁଁଥିଲେ ଛିଦ୍ର ଥିବା ପଲିଥିନ ମୁଣି ନେଇ ସେଥିରେ ଆବଶ୍ୟକୀୟ ପରିମାଣର ଖତ, ମାଟି, ବାଲି ମିଶାଇ ସେଥିରେ ମଞ୍ଜିକୁ ଲଗାନ୍ତୁ । ମଞ୍ଜି ସାଧାରଣତଃ ୧୦ ରୁ ୧୫ ଦିନ ମଧ୍ୟରେ ଗଜା ହୋଇ ଗଛ ବାହାରିଥାଏ । ଏହାପରେ ଉକ୍ତ ଚାରା ୩୦-୪୦ ସେଣ୍ଟିମିଟର ଉଚ୍ଚତାରେ ହୋଇଗଲା ପରେ କ୍ଷେତରେ ତାହାକୁ ଲଗାଯାଇପାରେ । ସେହିପରି ଡାଳଖଣ୍ଡ ଲଗାଉଥିଲେ ଦୁଇବର୍ଷରୁ ଅଧିକ ବୟସର ବାଇଗବା ଗଛକୁ ଚିହ୍ନଟ କରାଯାଏ । ୩ ସେଣ୍ଟିମିଟର ରୁ ୫ ସେଣ୍ଟିମିଟର ପର୍ଯ୍ୟନ୍ତ ମୋଟେଇ ଥିବା ୫୦ ରୁ ୧୦୦ ସେଣ୍ଟିମିଟର ଲମ୍ୱ ବିଶିଷ୍ଟ ଡାଳ ଚୟନ କରିବା ଆବଶ୍ୟକ । ପବଗୁଡ଼ିକ ଛୋଟ, ଅଧିକ ସଂଖ୍ୟକ ଆଖି ଏବଂ ଡାଳଟି ଚିକ୍କଣ ଥିଲେ ସୁସ୍ଥ ବୋଲି ଧରାଯାଏ । ଡାଳଖଣ୍ଡ କାଟି ସାରିଲାପରେ ଛାଇରେ ରଖାଯାଇ ରାସାୟନିକ ଔଷଧର ପ୍ରଲେପ ଦିଆଯିବା ପରେ ତାହାକୁ କ୍ଷେତରେ ଲଗାଯାଇଥାଏ । ନର୍ସରୀରେ ଡାଳଖଣ୍ଡ ଲଗାଇ ଚାରା ପ୍ରସ୍ତୁତ କରିବାକୁ ଥିଲେ ଜାନୁୟାରୀ ଫେବୃୟାରୀ ମାସ ମଧ୍ୟରେ ଡାଳ କାଟି ତାହାକୁ ମାଟିଠାରୁ ସାମାନ୍ୟ ଉଚ୍ଚତା ଥିବା ନର୍ସରୀରେ ରୋପଣ କରାଯାଏ । ଚାରା ଗଛକୁ ୩-୪ ମାସ ହେଲାପରେ ତାହାକୁ ମୁଖ୍ୟ ଜମିରେ ରୋପଣ କରିବା ସମୟ ଆସିଥାଏ ।

କଲମୀକରଣ ଦ୍ୱାରା ପ୍ରସ୍ତୁତ ବା ଚେରଶାୟୀ ଚାରାକୁ ପ୍ରସ୍ତୁତ କରିବା ପରେ ମୁଖ୍ୟ କ୍ଷେତରେ ରୋପଣ କରାଯାଇଥାଏ, କିନ୍ତୁ ଚେରଶାୟୀ ଖଣ୍ଡ ପ୍ରସ୍ତୁତ ବେଳେ ଅଧିକ ଯତ୍ନ ନେବା ଆବଶ୍ୟକ ହୋଇଥାଏ ।

**ବ୍ୟୟ (ପାଞ୍ଚ ବର୍ଷରେ)**

| ଖର୍ଚ୍ଚ ପ୍ରକାର | ପ୍ରଥମ | ଦ୍ୱିତୀୟ | ତୃତୀୟ | ଚତୁର୍ଥ | ପଞ୍ଚମ |
|---|---|---|---|---|---|
| ଜମି ପ୍ରସ୍ତୁତି | ୫୦୦ | -- | -- | -- | -- |
| ଗାତ ଖୋଳା | ୧୨୦୦ | -- | -- | -- | -- |
| ଚାରା | ୭୦୦୦ | -- | -- | -- | -- |
| ଖତ | ୮୦୦ | ୪୦୦ | ୪୦୦ | ୪୦୦ | ୪୦୦ |
| ଲଗାଇବା ଖର୍ଚ୍ଚ | ୭୦୦ | -- | -- | -- | -- |
| ଜଳସେଚନ | ୬୦୦ | ୩୦୦ | ୩୦୦ | ୩୦୦ | ୩୦୦ |
| ଘାସବଛା | ୫୦୦ | -- | -- | -- | -- |
| ଅମଳ ଖର୍ଚ୍ଚ | ୪୦୦ | ୫୦୦ | ୫୦୦ | ୫୦୦ | ୫୦୦ |
| **ମୋଟ** | **୧୧୭୦୦** | **୧୨୦୦** | **୧୨୦୦** | **୧୨୦୦** | **୧୨୦୦** |

ଝାଡ଼୍‌ଝାଡ଼୍

## ଜମି ପ୍ରସ୍ତୁତି ଓ ରୋପଣ ପଦ୍ଧତି

ବାଇଗବାର ଚ଼ରା ପ୍ରସ୍ତୁତି ଚ଼ାଷ ପାଇଁ ୩ଟି ମାଧ୍ୟମ ବ୍ୟବହାର ହେଉଥିବାବେଳେ ରୋପଣ ପାଇଁ କିନ୍ତୁ ପ୍ରାୟ ଗୋଟିଏ ପ୍ରକାର ପଦ୍ଧତି ବ୍ୟବହୃତ ହୋଇଥାଏ । ମୁଖ୍ୟ କ୍ଷେତକୁ ଜାନୁୟାରୀରୁ ମାର୍ଚ୍ଚମାସ ମଧ୍ୟରେ ଦୁଇତିନିଥର ହଳ କରିଦେବା ଉଚିତ୍ । ଏହାପରେ ଖରାରେ ଶୁଖି ଯାଇଥିବା ଘାସ, ଅନାବନା ଗଛକୁ ଓପାଡି ବାହାର କରିଦେବା ଆବଶ୍ୟକ । ଏହାପରେ ମଞ୍ଜି ବା ଚ଼ରା ରୋପଣ ପାଇଁ ସିଆର ବା ଧାଡ଼ି କରିବା ଉଚିତ୍ । ଚ଼ରା ବା ମଞ୍ଜି ରୋପଣର ସମୟ ଆସିଲେ ଗଛକୁ ଗଛ ୨ ମିଟରର ବ୍ୟବଧାନ ରଖି ୩୦ × ୩୦ × ୩୦ ସେଣ୍ଟିମିଟର କିମ୍ୱା ୪୫ × ୪୫ × ୪୫ ସେଣ୍ଟିମିଟର ଗାତ ଖୋଳିବା ଆବଶ୍ୟକ । ଉକ୍ତ ଗାତରେ ପିଟ୍ ମିକ୍ସର ସହିତ କିଛି ମାଟି ମିଶାଇ ଦିଆଯାଏ । ତାହାପରେ ମଞ୍ଜି, ଡାଳ କିମ୍ୱା ଚେରଶାୟୀ ଖଣ୍ଡ ପୋତି ସାରିଲା ପରେ ଉପର ମାଟିକୁ ସାମାନ୍ୟ ଚ଼ପ ଦେବା ଆବଶ୍ୟକ । କିନ୍ତୁ ମଞ୍ଜି ପୋତି ସାରିଲା ପରେ ମାଟିକୁ ହାଲ୍‌କା ଭାବେ ଛାଡି ଦିଅନ୍ତୁ ଏବଂ ସଙ୍ଗେ ସଙ୍ଗେ ଜଳସେଚନ କରନ୍ତୁ । ଯଦିଓ ବାଇଗବା ଗଛ ସେପରି ଜଳସେଚନର ଆବଶ୍ୟକ କରିନଥାଏ; ତଥାପି ମାଟିର ବତରକୁ ଦେଖି ଏବଂ ଭଲ ଅମଳ ପାଇଁ ମଝିରେ ମଝିରେ ଜଳସେଚନ କରିବା ଆବଶ୍ୟକ ।

## ଜଳସେଚନ

ଜଳସେଚନ ବର୍ଷାଦିନ ବ୍ୟତୀତ ଅନ୍ୟ ସମୟରେ ୧୫-୨୦ ଦିନ ଅନ୍ତର ରଖି ଦେବା ଆବଶ୍ୟକ ହୋଇଥାଏ । ଗଛଗୁଡ଼ିକ ପ୍ରାୟ ୫ ବର୍ଷର ହୋଇଗଲା ପରେ ଆଉ ଜଳସେଚନର ଆବଶ୍ୟକତା ନଥାଏ । ତେବେ ବର୍ଷାଦିନରେ ଯେପରି ଗଛ ମୂଳରେ ପାଣି ଦିର୍ଘ ଦିନ ଧରି ଜମି ନରହେ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ । କାରଣ ଠିଆ ପାଣି ରହିବାଦ୍ୱାରା ଗଛ ମରିଯିବାର ସମ୍ଭାବନା ଥାଏ । ତେଣୁ ଯଥା ସମ୍ଭବ ଗଛ ମୂଳେ ପାଣି ନ ଜମିବା ବନ୍ଦୋବସ୍ତ କରିବା ଆବଶ୍ୟକ ।

## ଘାସ ଓ ଅନାବନା ଗଛବଛା

ଛୋଟଥିବା ଅବସ୍ଥାରେ ଗଛ ମୂଳରେ ଥିବା ଘାସ ଓ ଅନାବନା ଗଛଗୁଡ଼ିକୁ ବାଛି ଦିଆଯାଏ । କିନ୍ତୁ ଗଛ ଉଚ୍ଚତାରେ ୪ ଫୁଟ୍ ହୋଇଗଲା ପରେ ଘାସ ଗଛର କୌଣସି କ୍ଷତି କରିପାରେନାହିଁ । ତେବେ ଫସଲ ଦୃଷ୍ଟିରୁ ବଛା ବଛି କରିବା ବୁଦ୍ଧିମାନର କାର୍ଯ୍ୟ । ଗଛ ଭଲ ବଢିବା ଏବଂ ଡାଳ ସଂଖ୍ୟାରେ ଉନ୍ନତି ଆଣିବା ପାଇଁ ଯତ୍ନର ସହ କାଟି ସାଇଜ କରିଦେବା ଉଚିତ୍ । ଏହା ଫଳରେ ନୂଆ ଡାଳ ବାହାରିଥାଏ ଏବଂ ଫୁଲ ଓ ଫଳ ଅଧିକ ମାତ୍ରାରେ ହୋଇଥାଏ ।

## ଅମଳ

ମଞ୍ଜି ଓ ଡାଳଖଣ୍ଡ ଦ୍ୱାରା ସୃଷ୍ଟି ହୋଇଥିବା ବାଇଗବା ଗଛ ପ୍ରାୟ ତିନିରୁ ଚ଼ରି ବର୍ଷ ମଧ୍ୟରେ ଅମଳ ଦେଇଥାଏ । କିନ୍ତୁ ଚେରଶାୟୀ ଖଣ୍ଡ ପ୍ରଥମ ବର୍ଷରୁ ହିଁ ଅମଳ ଦେବା ଆରମ୍ଭ କରିଥାଏ । ଏହା ସ୍ୱାଭାବିକ ଭାବରେ ପ୍ରଥମ ବର୍ଷରେ ଅଧିକ ପରିମାଣର ଫଳ ଦେଇନଥାଏ । କିନ୍ତୁ ଗଛ ଦୁଇ ତିନିବର୍ଷର ହୋଇଗଲା ପରେ ଫଳ ସ୍ୱାଭାବିକ ଭାବେ ଅଧିକ ହୋଇଥାଏ ।

## ଆୟ ଓ ଲାଭ (ଚେରଶାୟୀ ବା କଲମୀ ଚ଼ରା)

ବାଇଗବା ଚ଼ାଷ କରିବା ପରେ ପ୍ରଥମ ପାଞ୍ଚବର୍ଷ ପର୍ଯ୍ୟନ୍ତ ଗଛଗୁଡ଼ିକର ଯତ୍ନ ନେବା ଆବଶ୍ୟକ ହୋଇଥାଏ । ତାହାପରେ ଆଉ କୌଣସି ଯତ୍ନ ନେବା ଆବଶ୍ୟକ ହୋଇନଥାଏ । ପାଞ୍ଚବର୍ଷ ମଧ୍ୟରେ ଜଣେ ଚ଼ାଷୀ ଗୋଟିଏ ଏକରରୁ ଆନୁମାନିକ ଭାବେ ମୋଟ ୧୭୩୦୦ ଟଙ୍କା ଖର୍ଚ୍ଚ କରୁଥିଲା ବେଳେ ପାଞ୍ଚ ବର୍ଷ ମଧ୍ୟରେ ୭୪,୫୦୦ ଟଙ୍କା ଆୟ କରିଥାଏ । ଯେଉଁଥିରେ ୬୪,୪୦୦ ଟଙ୍କା ସେ ଲାଭ ପାଇଥାଏ । ଏହି ପାଞ୍ଚବର୍ଷ ପରେ ଗଛର ଯତ୍ନ ନେବା ଆବଶ୍ୟକ ହୋଇନଥାଏ ତେଣୁ କେବଳ ଲାଭ ହିଁ ମିଳି ଚ଼ଲିଥାଏ । ଖୁବ୍ କମ୍ ଖର୍ଚ୍ଚ ଓ ଅଧିକଲାଭ ମିଳୁଥିବାରୁ ଏହି ବାଇଗବା ଅତ୍ୟନ୍ତ ଲାଭଦାୟକ ଫସଲ ବୋଲି ପ୍ରମାଣିତ ହୋଇଛି । ତେଣୁ ଚ଼ାଷୀମାନେ ଏହାକୁ ଚ଼ାଷକରି ନିଜର ଆର୍ଥିକ ଅବସ୍ଥାରେ ଉନ୍ନତି କରାଇବା ସହିତ ଦେଶକୁ ଡିଜେଲର ବିକଳ୍ପ ବାୟୋଡିଜେଲ ଯୋଗାଇ ପାରିଲେ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବେ ।

### ଗଛପ୍ରତି ଅମଳ ପରିମାଣ କିଲୋଗ୍ରାମରେ

| ବର୍ଷ | ମଞ୍ଜିରୁ ଉତ୍ପନ୍ନ ଗଛ କିଲୋଗ୍ରାମ | ଫଳରୁ ଉତ୍ପନ୍ନ ଗଛ କିଲୋଗ୍ରାମ | ଚେର ବା କଲମୀ ଗଛ କିଲୋଗ୍ରାମ |
|---|---|---|---|
| ପ୍ରଥମ | -- | -- | ୧ |
| ଦ୍ୱିତୀୟ | -- | -- | ୨.୫ - ୩ |
| ତୃତୀୟ | -- | ୦.୫ | ୩-୪ |
| ଚତୁର୍ଥ | ୦.୫ | ୧.୫-୨ | ୪-୫ |
| ପଞ୍ଚମ | ୧-୨ | ୨-୨.୫ | ୫-୭ |

### ଏକର ପିଛା ଆୟ, ବ୍ୟୟ ଓ ଲାଭ

| ବର୍ଷ | ଆୟ | ବ୍ୟୟ | ଲାଭ |
|---|---|---|---|
| ପ୍ରଥମ | ୪୫୦୦ | ୧୧୭୦୦ | ୭୨୦୦ |
| ଦ୍ୱିତୀୟ | ୧୩୦୦୦ | ୧୪୦୦ | ୧୧୬୦୦ |
| ତୃତୀୟ | ୧୫୦୦୦ | ୧୪୦୦ | ୧୩୬୦୦ |
| ଚତୁର୍ଥ | ୨୦୦୦୦ | ୧୪୦୦ | ୧୮୬୦୦ |
| ପଞ୍ଚମ | ୨୨୦୦୦ | ୧୪୦୦ | ୨୦୬୦୦ |
| ଷଷ୍ଠ ଓ ପରବର୍ତ୍ତୀ | ୨୨୦୦୦ | -- | ୨୨୦୦୦ |

# ସମବାୟ ପରିଚାଳନା କର୍ମଶାଳା

ଓଡ଼ିଶାରେ ପ୍ରାୟ ଏକ ଦଶନ୍ଧି ଧରି ଜଙ୍ଗଲରୁ ଅଣକାଷ୍ଠ ବନଜାତ ଦ୍ରବ୍ୟ ଏବଂ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ତଥା ଏବଂ ତାହାର ବିକ୍ରିବଟା କରିବା ପାଇଁ ଅନେକ ସମବାୟ ସଂଘ ଗୁଡ଼ିକର ଗଠନ ପ୍ରକ୍ରିୟା ଆରମ୍ଭ ହୋଇଛି । କିନ୍ତୁ ଉପଯୁକ୍ତ ପରିଚାଳନାର ଅଭାବ ଯୋଗୁଁ ଏହା ବିଶେଷ ଆଗେଇ ପାରିନାହିଁ । ଏଣୁ ସମବାୟ ସଂଘ ପରିଚାଳନାରେ ଥିବା ଅସୁବିଧାକୁ ଦୂର କରିବା ଲଘୁ ବନଜାତ ଦ୍ରବ୍ୟର ଉଚିତ୍ ସଂଗ୍ରହ, ପ୍ରକ୍ରିୟାକରଣ ଏବଂ ଉନ୍ନତ ବଜାର ବ୍ୟବସ୍ଥା ସୃଷ୍ଟି କରିବା ନିମନ୍ତେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର କଲ୍ୟାଣମଣ୍ଡପ, ରେଡକ୍ରସ ଭବନ ପରିସରରେ ଆର୍.ସି.ଡି.ସି ଭବାନୀପାଟଣା ଶାଖା ତରଫରୁ ଏକ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା ।

ଏହି କର୍ମଶାଳାର ପ୍ରଥମଦିବସରେ ବିଶ୍ୱନାଥପୁର "ଗ୍ରର୍ମ" ସଂସ୍ଥାର ସସ୍ମିତା ସିଂହ, ଆର୍.ସି.ଡି.ସି ଭବାନୀପାଟଣା ଶାଖାରୁ ଜି.ଏସ୍. ରାଓ, ସୁରେଶ ରାଉତ, ଏଫ୍.ପି.ସିର ଜୟ ଶଙ୍କର ସରାଫ ଏବଂ କଳାହାଣ୍ଡି, ନୂଆପଡା ଜିଲ୍ଲାର ୯ଟି ସମବାୟ ସଂଘର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ ।

ସର୍ବପ୍ରଥମେ ସସ୍ମିତା ସିଂହ ଅଂଶଗ୍ରହଣକାରଙ୍କର ପରିଚୟ ପ୍ରଦାନ କରିବା ସହିତ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ।

ଏଫ୍.ପି.ସିର ଜୟ ଶଙ୍କର ସରାଫ୍ କହିଥିଲେ ଯେ, ସମବାୟ ସଂଘ ହେଉଛି ଏକ ବ୍ୟବସାୟିକ ସଂଘ । ଏଣୁ ଏଥିରେ ବ୍ୟବସାୟିକ ମନୋବୃତ୍ତି ରଖିବା ଆବଶ୍ୟକ । ସେ କହିଥିଲେ ଯେ, ପୂର୍ବଭଳି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ବ୍ୟାଙ୍କରୁ ଯେପରି ଋଣ ଆଣି ଋଣ ଅର୍ଥକୁ ଭାଗବଣ୍ଟା କରୁଥିଲେ, ସେପରି ନକରି ସେହି ଅର୍ଥରେ କିଛି ବ୍ୟବସାୟ କରିବା ଉଚିତ୍ । ଫଳରେ ଉକ୍ତ ବ୍ୟବସାୟର ଲାଭାଂଶ ଉଭୟ ଗୋଷ୍ଠୀକୁ ଏବଂ ସମବାୟ ସଂଘକୁ ମିଳିପାରିବ । ସେ ଲଘୁ ବନଜାତ ଦ୍ରବ୍ୟର ଦୀର୍ଘ ସ୍ଥାୟୀ ପରିଚାଳନା ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ ଆଦିବାସୀ ସଂଗ୍ରହକାରୀମାନଙ୍କର ଏହା ଜୀବନଜୀବିକାର ମୁଖ୍ୟ ସ୍ରୋତ ଭାବେ ରହିଆସିଛି ବୋଲି ମତବ୍ୟକ୍ତ କରିଥିଲେ । କିନ୍ତୁ ବର୍ତ୍ତମାନ ମଧ୍ୟ ପୂର୍ବ ପରି ପ୍ରାଥମିକ ସଂଗ୍ରହକାରୀମାନେ ନିଜର ପରିଶ୍ରମ ତୁଳନାରେ ଖୁବ୍ କମ୍ ମୂଲ୍ୟ ପାଉଛନ୍ତି ଏବଂ ଅନ୍ୟାୟର ଶିକାର ହେଉଛନ୍ତି । ତେଣୁ ସେମାନେ ଯଦି ମିଳିତଭାବେ ଜମା କରି ଏବଂ ଅଧିକ ପରିମାଣର ଲଘୁ ବନଜାତ ଦ୍ରବ୍ୟକୁ ବିକ୍ରି କରିବେ ତେବେ ଅଧିକ ଲାଭବାନ ହେବା ସହିତ ନିଜର ଆର୍ଥିକ ଅବସ୍ଥାରେ ସୁଧାର ଆଣିପାରିବେ ବୋଲି କହିବା ସହିତ ସେମାନଙ୍କୁ ଏଥିଲାଗି ସଚେତନ କରିବା ଏବଂ ବ୍ୟବସାୟଜ୍ଞାନକୁ ବୃଦ୍ଧି କରିବା ଆବଶ୍ୟକ ବୋଲି କହିଥିଲେ ।

ଆର୍.ସି.ଡି.ସିର ସୁରେଶ ରାଉତ ଏହାପରେ ଉକ୍ତ କର୍ମଶାଳାରେ ଉପସ୍ଥିତ ଥିବା ୯ଟି ସମବାୟ ସଂଘକୁ ନେଇ ଏକ ଜିଲ୍ଲା ସ୍ତରୀୟ ସଂଘ ଗଠନ କରିବାକୁ ପ୍ରସ୍ତାବ ରଖିଥିଲେ, । ସେ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ଏହି ପ୍ରକାରରେ ସଂଘ ଗଠନ ହେବା ଦ୍ୱାରା କେଉଁ ପ୍ରକାରର ସୁବିଧା ହୋଇପାରିବ ସେ କଥା ବୁଝାଇଥିଲେ । ଏହା ସହିତ ଉକ୍ତ ୯ଟି ସମବାୟ ସଂଘକୁ ନେଇ ଏକ ଜିଲ୍ଲା ସ୍ତରୀୟ ସଂଘ ଗଠନ କରିବାକୁ ସମ୍ମତି ଦେଇଥିଲେ । ସେହିଠାରେ ହିଁ ସଂଘର ଗଠନ କରାଯିବା ସହ ସଂଘ ପରିଚାଳନା କମିଟିର ସଭ୍ୟ ସଭ୍ୟାଙ୍କର ନାମ ମଧ୍ୟ ଗ୍ରହଣ କରାଯାଇଥିଲା ।

ଏହାପରେ ଅଂଶଗ୍ରହଣକାରୀମାନେ ସମବାୟ ସଂଘ ଗଠନ କରିବା ଦିଗରେ ଥିବା କେତେକ ଅସୁବିଧା ଓ ତାହାର ସମାଧାନ ପାଇଁ ବାଟଗୁଡ଼ିକ କହିଥିଲେ । ସମବାୟ ସଂଘ ଗଠନ ହେବା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ମଧ୍ୟରେ ଏକତା ଏବଂ ସମ୍ପର୍କ ସ୍ଥାପନ ହେବା ସହ ବ୍ୟବସାୟରେ ଅଧିକ ଲାଭ ମିଳିପାରିବ ବୋଲି ମତାମତ ମିଳିଥିଲା । ଲଘୁବନଜାତ ଦ୍ରବ୍ୟର ସଂଗ୍ରହ ଏବଂ ତାହାର ଉଚିତ୍ ପ୍ରକ୍ରିୟାକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । କାରଣ ଉପଯୁକ୍ତ ପ୍ରକ୍ରିୟାକରଣ ଦ୍ୱାରା ଅଧିକ ଲାଭ ମିଳିପାରିବ । ଖୁଚୁରା ଭାବେ ଲଘୁ ବନଜାତ ଦ୍ରବ୍ୟ ବ୍ୟବସାୟୀଙ୍କୁ ବିକ୍ରି ନକରିବା ଲାଗି ସଂଗ୍ରହକାରୀଙ୍କୁ ପରାମର୍ଶ ଦିଆଯିବା ସହିତ ସବୁକୁ ଏକତ୍ର କରି ବଡ଼ ବ୍ୟବସାୟୀଙ୍କୁ ବିକ୍ରି କରିବାକୁ କୁହାଯାଇଥିଲା କାରଣ କ୍ଷୁଦ୍ର ବ୍ୟବସାୟୀମାନେ ଓଜନ ଓ ଅନ୍ୟାନ୍ୟ ଭାବେ ଠକାମି କରିଥାନ୍ତି । ଏହା ସହିତ ଲଘୁ ବନଜାତ ଦ୍ରବ୍ୟରେ ହେଉଥିବା ଏହି ପ୍ରକାରର ଦୁର୍ନୀତିକୁ ସାମୁହିକ ଭାବେ ବିରୋଧ କରିବାକୁ ଆଗେଇ ଆସିବା ପାଇଁ ପରାମର୍ଶ ଦିଆଯାଇଥିଲା । ଏଥି ସହିତ ପ୍ରଥମ ଦିବସରେ ପରିସମାପ୍ତି ଘଟିଥିଲା ।

ଉକ୍ତ କର୍ମଶାଳାର ଦ୍ୱିତୀୟ ଦିବସରେ ନାବାର୍ଡ କଳାହାଣ୍ଡି ଶାଖାର ଏ.ଜି.ଏମ୍ ଶ୍ରୀଯୁକ୍ତ ଧିରେନ୍ଦ୍ର କୁମାର ରାଉତରାୟ, ଟି.ଡି.ସି.ସିର ଶାଖା ପରିଚାଳକ କେ.ସି. ପଟ୍ଟନାୟକ, ଡି.ଏସ୍.ଏମ୍.ଏସ୍‌ର ମୁଖ୍ୟ ପରିଚାଳକ

ଏ.କେ.ଉପାଧ୍ୟାୟ, କଳାହାଣ୍ଡି ଜିଲ୍ଲା ଡି.ଆର୍.ସି.ଏସ୍‌ର ବି.କେ.ଦାସ ଏବଂ ଆୟୋଜକ ଆର୍.ସି.ଡି.ସି ଭୁବନେଶ୍ୱର ଶାଖାର ମନୋରଞ୍ଜନ ମହାନ୍ତି, ସମବାୟ ସଂସ୍ଥାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।

ସର୍ବପ୍ରଥମେ ନାବାର୍ଡର ଧିରେନ୍ଦ୍ର କୁମାର ରାଉତରାୟ ସ୍ୱୟଂ ସହାୟକ ଗୋଷ୍ଠୀର କେତେକ ଦିଗ ଉପରେ କହିବା ସହିତ ପୂର୍ବରୁ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବର୍ତ୍ତମାନର ଗୋଷ୍ଠୀ ସହ ଏକ ତୁଳନାତ୍ମକ ବିବରଣୀ ରଖିଥିଲେ । ପଞ୍ଚାୟତ ସ୍ତରରେ ଗଠିତ ହେଉଥିବା ମହିଳାମାନଙ୍କର ସମବାୟ ସଂଘ ନିଜର ଲକ୍ଷ୍ୟରେ ପହଞ୍ଚି ପାରୁଛି ନା ନାହିଁ ସେ ସମ୍ପର୍କରେ ତଦାରଖ କରିବା ଆବଶ୍ୟକ । ବ୍ୟାଙ୍କରୁ ଋଣ ଆଣି ସମବାୟ ସଂଘରେ ତାହାର ଉପଯୁକ୍ତ ବ୍ୟବହାର କରାଯିବା ଦରକାର ଏବଂ ଏପରି କଲେ ଅର୍ଥର ସୁବିନିଯୋଗ ହେବାସହ ବ୍ୟବସାୟରୁ ସୁଫଳ ମିଳିପାରିବ ବୋଲି ସେ ପ୍ରକାଶ କରିଥିଲେ । ଏହା ସହିତ ଶ୍ରୀଯୁକ୍ତ ରାଉତରାୟ ସମବାୟ ସଂଘ ଗଠନରେ ନାବାର୍ଡର ଭୂମିକା ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଇଥିଲେ ।

ଏହାପରେ ଟି.ଡି.ସି.ସିର ଶ୍ରୀଯୁକ୍ତ କେ.ସି. ପଟ୍ଟନାୟକ ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ ଓ ପ୍ରକ୍ରିୟାକରଣ ଉପରେ ଗୁରୁତ୍ୱ ଦେଇଥିଲେ । ସେ କହିଥିଲେ ଯେ ଟି.ଡି.ସି.ସି ପୂର୍ବରୁ ନିଜ କର୍ମଚାରୀଙ୍କୁ ପଠାଇ ଲୋକମାନଙ୍କଠାରୁ ସ୍ୱତନ୍ତ୍ର ଭାବରେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରୁଥିଲା । କିନ୍ତୁ ବର୍ତ୍ତମାନ ସମବାୟ ସଂଘ ବା ସମିତିମାନଙ୍କଠାରୁ ସଂଗ୍ରହ କରିବ ବୋଲି ନିଷ୍ପତ୍ତି ନେଇଛି । ବ୍ୟବସାୟ କରି ଲାଭବାନ ହେବାକୁ ହେଲେ ଦ୍ରବ୍ୟର ଗୁଣାତ୍ମକମାନ ପ୍ରତି ଦୃଷ୍ଟି ଦେବାକୁ ପଡିବ ବୋଲି ସେ ପ୍ରକାଶ କରିଥିଲେ । ସେ କହିଥିଲେ ବ୍ୟବସାୟରେ ସଫଳ ହେବାକୁ ହେଲେ ବଜାରରେ ଦ୍ରବ୍ୟ ଚାହିଦା ବୃଦ୍ଧିହେବା ଆବଶ୍ୟକ ଏବଂ ଦ୍ରବ୍ୟର ଚାହିଦା ବୃଦ୍ଧି ନିମନ୍ତେ ଗୁଣମାନ ବୃଦ୍ଧି ହିଁ ଚାବିକାଠି । ସେ ଟି.ଡ଼ି.ସି.ସି ତରଫରୁ ଗ୍ରାମାଞ୍ଚଳରେ ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ ଓ ପ୍ରକ୍ରିୟାକରଣ ଉପରେ ତାଲିମ ଦେବାର ବ୍ୟବସ୍ଥା ଥିବାର ସୂଚନା ଦେବା ସହ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହରେ ଟି.ଡି.ସି.ସିର ଭୂମିକା ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ବୁଝାଇଥିଲେ ।

ସମବାୟ ସଂଘର ଉନ୍ନତି କରିବାକୁ ହେଲେ ତାହାର ନୀତିନିୟମଗୁଡ଼ିକୁ ମାନି ଚଳିବାକୁ ପଡିବ ବୋଲି କଳାହାଣ୍ଡି ଡି.ଆର୍.ସି.ଏସ୍‌ର ଶ୍ରୀଯୁକ୍ତ ଦାସ କହିଥିଲେ । ସେ ସମବାୟ ସଂଘର ରେଜିଷ୍ଟ୍ରେସନ୍ ଦେବା ନିମନ୍ତେ ଆବଶ୍ୟକୀୟ କାମରେ ଦକ୍ଷତା ବୃଦ୍ଧି ସମ୍ପର୍କରେ ମତ ପ୍ରଦାନ କରିଥିଲେ । ଏହା ଛଡ଼ା ସେ ସମବାୟ ସଂସ୍ଥାଗୁଡ଼ିକର ଅଧିନିୟମ ସଂପର୍କରେ ବିଶଦଭାବେ ଆଲୋଚନା କରି ଗଠନ ସମୟରେ ଓ ପରବର୍ତ୍ତୀ ସମୟରେ ଏହାକୁ ମାନିବା ନିମନ୍ତେ ପରାମର୍ଶ ଦେଇଥିଲେ ।



ଶେଷରେ ଆର୍.ସି.ଡି.ସି.ର ମନୋରଞ୍ଜନ ମହାନ୍ତି ବିଭିନ୍ନ ଜିଲ୍ଲାରେ ମହିଳା ସମବାୟ ସଂସ୍ଥା ଲଘୁ ବନଜାତ ଦ୍ରବ୍ୟରେ ମୂଲ୍ୟଯୋଗ ଓ ପ୍ରକ୍ରିୟାକରଣ କରି ବିଭିନ୍ନ ଜିନିଷ ଏବଂ ଔଷଧପତ୍ର ତିଆରି କରି ବାହାରେ ବିକ୍ରି କରୁଥିବା କଥା ପ୍ରକାଶ କରିଥିଲେ । ଭୁଇଁନିମ୍ବ ଏବଂ ଗୁଡରେ ତିଆରି ଗୋଳିଦ୍ୱାରା ମାରାତ୍ମକ ଚିକେନ୍‌ଗୁନିଆ ରୋଗ ଭଲ ହୋଇପାରିବ ବୋଲି ସେ କହିଥିଲେ । ସମବାୟ ସଂସ୍ଥାମାନଙ୍କୁ ଅଁଳା ସ୍କ୍ୱାସ, ଆରଟି.ଏସ୍ ସର୍ବତ, ବେଲ ସର୍ବତ, ଅଦା ସ୍କ୍ୱାସ, ଆମ୍ବ ସର୍ବତ, ଲଙ୍କାଆମ୍ବ ସର୍ବତ, ସପୁରୀ ଜୁସ୍ ପ୍ରସ୍ତୁତ କରି ଅଧିକ ଦୁଇ ପଇସା ଲାଭ କରିବା ନିମନ୍ତେ ସେ ପରାମର୍ଶ ଦେଇଥିଲେ । ଏହା ସହିତ ବର୍ତ୍ତମାନ ହରିଡାରୁ ହରିଡା ସ୍କ୍ୱାସ, ମହୁଲ ସର୍ବତ ହେଉଥିବାର ସୂଚନା ଦେଇଥିଲେ । ସେ ମଧ କହିଥିଲେ ଯେ ବର୍ତ୍ତମାନ ମାଣ୍ଡିଆରୁ ତିଆରି ପାମ୍ପଡର ବଜାର ଚାହିଦା ଅଧିକ ଥିବାର ଏହାର ପ୍ରସ୍ତୁତି କରିବାକୁ ଏବଂ ସର୍ବଦା ନୂଆ କିଛି କରିବାକୁ ସେ ସମବାୟ ସଂଘକୁ ପରାମର୍ଶ ଦେବା ସହ ସମବାୟ ସଂଘର ଉନ୍ନତି କରିବା ପାଇଁ ବିଭିନ୍ନ ଦିଗମାନ ଦେଖାଇଥିଲେ ।

ଏହାପରେ ଉପସ୍ଥିତ ଅଂଶଗ୍ରହଣ କାରୀ ଏବଂ ବିଭିନ୍ନ ସଂସ୍ଥାର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଇ କର୍ମଶାଳା ଉଦ୍‌ଯାପନ ହୋଇଥିଲା । ଭବିଷ୍ୟତରେ ଏହି ଭଳି କର୍ମଶାଳା ଆୟୋଜନ କଲେ, ସମବାୟ ସହ ଜଡ଼ିତ ଲୋକାମାନଙ୍କୁ ଉପକାର ପହଞ୍ଚାଇବ ବୋଲି ମତ ପ୍ରକାଶ ପାଇଥିଲା ।

# ଚିରେଇତା

ଆୟୁର୍ବେଦ ଚିକିତ୍ସାଶାସ୍ତ୍ରରେ ଚିରେଇତାର ମହତ୍ୱପୂର୍ଣ୍ଣ ଭୂମିକା ଥିବା ବର୍ଣ୍ଣନା କରାଯାଇଛି । ଏହା ଏକବାର୍ଷିକ ଗଛ ଅଟେ । ସାଧାରଣତଃ ବଣ ଜଙ୍ଗଲର ଢିପ ସ୍ଥାନରେ ଏହା ବଢିଥାଏ । ପତ୍ରର ଲମ୍ବ ୧୦ ସେଣ୍ଟିମିଟର ଏବଂ ଚଉଡା ୩ ରୁ ୪ ସେଣ୍ଟିମିଟର । ଫୁଲଗୁଡ଼ିକ ଝାପ୍‌ସା ସବୁଜ ଓ ହଳଦୀ ମିଶ୍ରିତ ରଙ୍ଗ ଅଟେ । ଫଳ ଲମ୍ବା, ଗୋଲାକାର ଓ ମଞ୍ଜିଗୁଡ଼ିକ ବହୁ କୋଣଯୁକ୍ତ । ସାଧାରଣତଃ ଏହି ଗଛରେ ଫୁଲଗୁଡ଼ିକ ବର୍ଷାଦିନରେ ଫୁଟିଥାଏ ଏବଂ ବର୍ଷା ଦିନ ଶେଷ ଆଡକୁ ଫଳଗୁଡ଼ିକ ପାଚିବା ଆରମ୍ଭ କରିଥାଏ । ଫଳର କୌଣସି ଗନ୍ଧ ନ ଥାଏ, କିନ୍ତୁ ସ୍ୱାଦ ଖୁବ୍ ପିତା । ଚିରେଇତାର ପଞ୍ଚାଙ୍ଗ ବ୍ୟବହୃତ ହୋଇଥାଏ ।

**ଔଷଧୀୟ ବ୍ୟବହାର**

ଚିରେଇତାରୁ ତିଆରି ଔଷଧ ମୁଖ୍ୟତଃ ଜ୍ୱର ପାଇଁ ବ୍ୟବହାର କରାଯାଏ । କାରଣ ଜ୍ୱରରୋଗୀ ପାଇଁ ଏହା ଅମୃତତୁଲ୍ୟ ଅଟେ । ବିଭିନ୍ନ ପ୍ରକାରର ଜ୍ୱର ଯଥା ସନ୍ନିପାତ, ଟାଇଫଏଡ୍, ଇନ୍‌ଫ୍ଲୁଏଞ୍ଜା ମ୍ୟାଲେରିଆର ନିରାକରଣ କରେ । ଏହାର ବିଶେଷତ୍ୱ ହେଉଛି ଯେ, ଏହା ଜ୍ୱରକୁ ନିବାରଣ କରିବା ସହିତ ଜ୍ୱରର କାରଣଟିକୁ ମଧ୍ୟ ନିବାରଣ କରିଥାଏ । ଏହାଛଡା ଚିରେଇତା ରକ୍ତଦୋଷ, କଫ, ପିତ୍ତ ଆଦିର ସର୍ବଶ୍ରେଷ୍ଠ ଔଷଧଭାବେ ପରିଗଣିତ ହୋଇଆସିଛି ।

**ଔଷଧୀୟ ବ୍ୟବହାର**

- ମ୍ୟାଲେରିଆ ରୋଗରୁ ମୁକ୍ତି ପାଇବା ପାଇଁ ଚିରେଇତାକୁ ରାତିସାରା ଜଳରେ ଭିଜାଇ ସକାଳୁ ମହୁ ସହିତ ସେବନ କଲେ ତୁରନ୍ତ ମୁକ୍ତି ମିଳିଥାଏ ।
- ଚିରେଇତା ଚେରକୁ ଭଲ ଭାବରେ ବାଟି ସର୍ବତ କରି ପିଇଲେ କ୍ଷୁଧା ବୃଦ୍ଧି ଓ ହଜମ ଶକ୍ତି ବୃଦ୍ଧି ହୋଇଥାଏ ।
- ସକାଳୁ ଖାଲି ପେଟରେ ଚିରେଇତା ସିଝା ଯାଇଥିବା ପାଣି ସହ ମିଶ୍ରି ମିଶାଇ ପିଇଲେ କୃମି ନଷ୍ଟ ହୋଇଥାନ୍ତି ଏବଂ ଏହି ପାଣି ସହିତ ୫/୬ଟି ଲବଙ୍ଗ ବାଟି ପିଇଲେ ମଳକୃମି ମଧ୍ୟ ନିପାତ ହେଇଥାନ୍ତି ।
- ଆଜୀବନ ନିରୋଗ ରହିବା ପାଇଁ ନିୟମିତ ଚିରେଇତାକୁ ପାଣିରେ ପକାଇ ପିଇଲେ, ଶ୍ୱାସ, କାଶ, କଫ, ପିତ୍ତ, ଶୋଥ, କୁଷ୍ଠ ଆଦି ରୋଗ ସଂପୂର୍ଣ୍ଣ ଭଲ ହୋଇଯାଏ ଏବଂ ଏକ ସୁସ୍ଥ ନିରୋଗ ଜୀବନ ମିଳିଥାଏ ।
- କ୍ୟାନସର୍ ରୋଗ ହୋଇଥିଲେ ମହୁ ସହିତ ଚିରେଇତା ରସ ମିଶାଇ ଖାଇଲେ ରୋଗ ଭଲ ହୋଇଯିବାର ଆଶା କରାଯାଏ ।
- ଚିରେଇତା ରସ ସହିତ ହଳଦୀ ବାଟି ଦେହରେ ଚର୍ମରୋଗ ହୋଇଥିବା ସ୍ଥାନରେ ଲେପନ କଲେ ଚର୍ମରୋଗ ଭଲ ହୋଇଥାଏ । ଜଳାପୋଡା ହେଉଥିଲେ ମଧ୍ୟ ତୁରନ୍ତ ଉପଶମ ମିଳିଥାଏ ।
- କୌଣସି ପ୍ରକାର ବାନ୍ତି ହେଉଥିଲେ ଚିରେଇତାର ଚୂର୍ଣ୍ଣକୁ ମହୁରେ ମିଶାଇ ଦିନକୁ ୨/୩ ଥର ସେବନ କଲେ ବାନ୍ତି ବନ୍ଦ ହୋଇଯାଏ ।
- ବାୟୁଦୋଷ ହେଉଥିଲେ ଓ ଝାଡା ପରିଷ୍କାର ହେଉନଥିଲେ ଚିରେଇତାକୁ ରାତିସାରା ପାଣିରେ ଭିଜାଇ ରଖିବା ଉଚିତ୍ । ସକାଳୁ ଏହାକୁ ଛାଣି ପିଇଲେ ସମସ୍ତ ପ୍ରକାର ବାୟୁଜନିତ ରୋଗ ଦୂର ହୋଇଥାଏ ଏବଂ ଝାଡା ପରିଷ୍କାର ହୋଇଥାଏ ।
- ଚିରେଇତା ଚୂର୍ଣ୍ଣକୁ ମିଶ୍ରି ସହିତ ପ୍ରତିଦିନ ସକାଳେ ଖାଲି ପେଟରେ ସେବନ କଲେ କୁଷ୍ଠରୋଗ ସଂପୂର୍ଣ୍ଣ ଭାବେ ଭଲ ହୋଇଯାଏ ।
- ଏକ କପ୍ ଚିରେଇତା ପାଣିକୁ ମହୁ ସହିତ ଦିନକୁ ୩ଥର ସେବନ କଲେ ଯେକୌଣସି ଜ୍ୱର ଭଲ ହୋଇଯାଏ ।
- ଦେହରେ ଭାତୁଡି ହୋଇଥିଲେ ଚିରେଇତା ଚୂର୍ଣ୍ଣକୁ ଛାଣି ମହୁ ମିଶାଇ କ୍ୱାଥ ପ୍ରସ୍ତୁତ କରି ପ୍ରତିଦିନ ସକାଳୁ ଖାଲି ପେଟରେ ଖାଇ ମହୁ କିଛି ସେବନ କଲେ ଭାତୁଡି ଭଲ ହୋଇଯାଏ ।
- ଚିରେଇତା ଓ କର୍ପୂର ହଳଦୀକୁ ସମାନ ପରିମାଣରେ ନେଇ ଚିକ୍କଣ କରି ପାଣିରେ ବାଟି ଶରୀରରେ ଏକ ସପ୍ତାହ ପର୍ଯ୍ୟନ୍ତ ରାତିରେ ଲଗାଇ ଶୋଇ ପରିଦିନ ସକାଳୁ ଭଲ ଭାବରେ ଗାଧେଇଲେ ଚର୍ମରୋଗ ଭଲ ହୋଇଯିବା ସହ କିଛିଦିନ ପର୍ଯ୍ୟନ୍ତ କୌଣସି ଚର୍ମ ସମ୍ବନ୍ଧୀୟ ରୋଗ ହୋଇନଥାଏ ।
- ଚିରେଇତା ସହିତ ବୃଦ୍ଧକାରକ ମୂଳକୁ ସମାନ ଭାବରେ ନେଇ ସିଝାଇ କରି ପାନ କଲେ ଯାବତୀୟ ଚର୍ମ ରୋଗ ଭଲ ହୁଏ ।
- ଚିରେଇତା ଚୂର୍ଣ୍ଣକୁ କୁଆଣି ଚୂର୍ଣ୍ଣ ସହିତ ମିଶାଇ ପ୍ରାୟ ୫-୮ ଦିନ ପର୍ଯ୍ୟନ୍ତ ଖାଇଲେ ହୁକ୍‌ୱାର୍ମ ରୋଗ ଦୂର ହୋଇଥାଏ ।
- ଚିରେଇତାର କ୍ୱାଥରେ କମଳା ରସ ମିଶାଇ ଖାଲି ପେଟରେ ତିନି ସପ୍ତାହ ପର୍ଯ୍ୟନ୍ତ ଖାଇଲେ ରକ୍ତ ବିକାର, ମୁହଁର କଳାଦାଗ, ବ୍ରଣ ଆଦି ଦୂର ହୋଇ ମୁହଁ ନିର୍ମଳ ଦେଖାଯାଏ ।
- ଚିରେଇତାର ଫାଣ୍ଟ ସେବନ କଲେ ବଦହଜମି, ଅଗ୍ନିମାନ୍ଦ୍ୟ ଓ ସାଧାରଣ ଦୁର୍ବଳତା ଦୂର ହୋଇଥାଏ ।
- ବାତ ରୋଗ ହୋଇଥିଲେ ଚିରେଇତାର ଚୂର୍ଣ୍ଣ ଖାଇବା ପରେ ରୋଗ ଭଲ ହୋଇଯାଏ ।
- ଏହାଛଡା ଏଲୋପାଥିକ୍‌ର କୌଣସି ଆଣ୍ଟିବାୟୋଟିକ୍ ଔଷଧ ବ୍ୟବହାର କଲାପରେ ଶରୀରରେ ଯେଉଁ ବିଷକ୍ରିୟା ସୃଷ୍ଟି ହୋଇଥାଏ ତାହାକୁ ଦୂର କରିବାରେ ଚିରେଇତାର ଔଷଧ ସଫଳ ଅଟେ ।

–'ସଂଗୃହୀତ'–

# ଯଷ୍ଟିମଧୁ

ଯଷ୍ଟିମଧୁ ନିଜର ଔଷଧୀୟ ଗୁଣବତ୍ତା ଯୋଗୁଁ ପ୍ରାୟତଃ ଭାରତର ଘରେ ଘରେ ପରିଚିତ ଅଟେ । ଚରକ ସଂହିତା, ସୁଶ୍ରୁତ, ଅଷ୍ଟାଙ୍ଗ ସଂଗ୍ରହ ତଥା ଅନ୍ୟାନ୍ୟ ଆୟୁର୍ବେଦ ଗ୍ରନ୍ଥମାନଙ୍କରେ ଏହାର ବ୍ୟବହାର ଓ ମହତ୍ୱ ସଂପର୍କରେ ବର୍ଣ୍ଣନା କରାଯାଇଛି । ପ୍ରାଚୀନ କାଳ ଭଳି ବର୍ତ୍ତମାନ ମଧ୍ୟ ଏହି ଔଷଧୀୟ ବୃକ୍ଷର ସେପରି ବ୍ୟବହାର କରାଯାଉଛି । ଅତ୍ୟାଧୁନିକ ଚିକିତ୍ସା କୌଶଳ ଦ୍ୱାରା ଏହାର ଅନ୍ୟାନ୍ୟ ଔଷଧୀୟ ଗୁଣ ବିଷୟରେ ଗବେଷଣା କରାଯାଉଛି ।

ଯଷ୍ଟିମଧୁ ଏକ ଗୁଳ୍ମ ଜାତୀୟ ଉଦ୍ଭିଦ ଅଟେ । ଉଚ୍ଚତାରେ ଏହା ୬ ଫୁଟ୍ ପର୍ଯ୍ୟନ୍ତ ବଢ଼ିଥାଏ । ଏହାର ମୂଳ ଲମ୍ବା ଧୂସର ବର୍ଣ୍ଣଯୁକ୍ତ ଅଟେ । ତେବେ ମୂଳକୁ ବାଦ୍ ଦେଲେ ପିତ୍ତବର୍ଣ୍ଣ ଓ ଲୋମଶ ଭାଗ ଦେଖାଯାଏ । ଏହାର ପୁଷ୍ପ ବାଇଗଣି କିମ୍ବା ଲାଲ୍ ବର୍ଣ୍ଣର ହୋଇଥାଏ । ଫଳ ୧ ଇଞ୍ଚ୍ ଲମ୍ବ ଏବଂ ଚେପ୍ଟା । ଏହାର ମୂଳକୁ ଶୁଖାଇ ଔଷଧ ପ୍ରସ୍ତୁତ କରାଯାଏ ।

ଯଷ୍ଟିମଧୁ ଗଛକୁ ୨ ଭାଗରେ ବିଭକ୍ତ କରାଯାଇଛି । ଗୋଟିଏ ଜଳଜ ଓ ଅନ୍ୟଟି ସ୍ଥଳଜ । ଔଷଧୀୟ ଗୁଣ ଓ ସ୍ୱାଦ ଦୃଷ୍ଟିରୁ ଏହା ପରସ୍ପରଠାରୁ ସାମାନ୍ୟ ଭିନ୍ନ ଅଟନ୍ତି ।

**ଔଷଧୀୟ ବ୍ୟବହାର**

ଯଷ୍ଟିମଧୁର ମୂଳ ଏହାର ମୁଖ୍ୟ ବ୍ୟବହାରିକ ଔଷଧୀୟ ଅଙ୍ଗ ଅଟେ ।

- ଗଳା ବସିଯାଇଥିଲେ, କାଶ, ତଥା ଗଳା ସଂକ୍ରମଣ ହୋଇଥିଲେ ଯଷ୍ଟିମଧୁର ଏକ ଛୋଟ ଖଣ୍ଡ ପାଟିରେ ରଖି ଚୂଚୁମି କରି ରସକୁ ଢୋକିଲେ ଏବଂ ଯଷ୍ଟିମଧୁ ବତୁରାଯାଇଥିବା ପାଣିରେ ଦିନକୁ ଦୁଇଥର ଘଡ ଘଡ କଲେ ମଧ୍ୟ ଗଳାରୋଗରୁ ମୁକ୍ତି ମିଳିଥାଏ ।
- ଅମ୍ଳତା, ଅମ୍ଳପିତ୍ତ ବା ଏସିଡିଟି, ଉଦରଶୂଳ ଆଦି ରୋଗ ହେଲେ ଏହାର ମୂଳର ଚୂର୍ଣ୍ଣକୁ ପାଣି ସହିତ ସେବନ କଲେ ଉପଶମ ମିଳିଥାଏ ।
- ଗଣ୍ଠି ଏବଂ ମାଂସପେଶୀଗତ ଦରଜ ଓ ଯନ୍ତ୍ରଣା ହେଉଥିଲେ ଏହାର ମୂଳକୁ ରାତିସାରା ପାଣିରେ ବୁଡ଼ାଇ ରଖିବାପରେ ସକାଳୁ ଏହି ପାଣିକୁ ସେବନ କଲେ ମାଂସପେଶୀଗତ ଯନ୍ତ୍ରଣା ଦୂର ହୋଇଥାଏ ।
- ଯଷ୍ଟିମଧୁର ଗୁଣ୍ଡ ୧ ଗ୍ରାମଚ ସହିତ ମହୁ କିମ୍ବା କିଛି କ୍ଷୀର ମିଶାଇ ସେବନ କଲେ ନିକଟ ଦୃଷ୍ଟି ସମ୍ବନ୍ଧୀୟ ରୋଗରୁ ମୁକ୍ତି ମିଳିଥାଏ ।
- ଚନ୍ଦା ହେବା ବା ମୁଣ୍ଡରୁ କେଶ ଉପୁଡ଼ି ଯାଉଥିଲେ ତଥା ରୁପି ଆଦି ହେଉଥିଲେ ଯଷ୍ଟିମଧୁର ଚେରକୁ କ୍ଷୀର ସହିତ ଭଲ ଭାବରେ ବାଟି ସେଥିରେ କିଛି କେଶର ମିଶାଇ ଏକ ବହଳା ଦ୍ରବଣ କରିବାକୁ ହୁଏ । ରାତିରେ ଶୋଇବାକୁ ଯିବା ବେଳେ ଉକ୍ତ ଦ୍ରବଣ କୁ ଚନ୍ଦା ହୋଇଥିବା ତଥା ଅନ୍ୟ ପ୍ରଭାବିତ ସ୍ଥାନରେ ପ୍ରଲେପ ଦେଲେ ପୂର୍ଣ୍ଣ ଭାବରେ ଚନ୍ଦା ହୋଇଥିବା ସ୍ଥାନରେ କେଶ ଉଠିବା ଆରମ୍ଭ କରେ ଏବଂ ରୁପିରୁ ରକ୍ଷା ମିଳେ ।
- ଛାତି, ଗଳାରେ କଫ ଜମି ରହୁଥିଲେ ଏହାର ମୂଳର ଚୂର୍ଣ୍ଣ ସେବନ କରିବା ଦ୍ୱାରା ଜମି ରହିଥିବା କଫଗୁଡ଼ିକ ତୁରନ୍ତ ବାହାରକୁ ଚାଲିଆସେ ଏବଂ ରୋଗୀକୁ ଆରାମ ମିଳେ ।
- ଶରୀରର କୌଣସି ସ୍ଥାନରେ ଅସ୍ତ୍ରାଘାତ ତଥା ବ୍ରଣ, ଶୋଥ ଆଦି ହୋଇଥିଲେ ଯଷ୍ଟିମଧୁ ମୂଳକୁ ଭଲ ଭାବରେ ଚୂର୍ଣ୍ଣ କରି ସେଥିରେ ମହୁ, ଘୃତ ମିଶାଇ କ୍ଷତ ସ୍ଥାନରେ ଲଗାଇଲେ କ୍ଷତଟି ଖୁବ୍ ଶୀଘ୍ର, ଭରଣା ହୋଇଥାଏ ।
- ଏହାଛଡା ବିଭିନ୍ନ ପ୍ରକାର ଚର୍ମରୋଗ, ବର୍ଣ୍ଣବିକାର, ଜ୍ୱର ଆଦି ହେଲେ ଯଷ୍ଟିମଧୁ ମୂଳରୁ ପ୍ରସ୍ତୁତ କ୍ୱାଥ ଏବଂ ତେଲର ଉପଯୁକ୍ତ ପ୍ରୟୋଗ ଖୁବ୍ ଉପକାରୀ ହୋଇଥାଏ ।
- ଶରୀରର ତ୍ୱଚା ଖରାପ ହେଉଥିଲେ ଯଷ୍ଟିମଧୁ ପତ୍ରକୁ ବାଟି ଲେପନ କଲେ ତ୍ୱଚାର ପୂର୍ବ ଚମକ ଫେରିଆସେ ।
- ମୂତ୍ର, କୃଚ୍ଛ, ପ୍ରମେହ ଆଦି ମୂତ୍ର ରୋଗ ହୋଇଥିଲେ ଏହାର ପ୍ରୟୋଗ ଖୁବ୍ ଲାଭ ପ୍ରଦ ହୋଇଥାଏ ।
- ରକ୍ତପିତ୍ତ ଯୋଗୁଁ ଜ୍ୱର, ଦୁର୍ବଳତା, ମୂର୍ଚ୍ଛା, ଛାତି ପୋଡିବା, ଅରୁଚି ଆଦି ହେଲେ ଯଷ୍ଟିମଧୁର କ୍ୱାଥକୁ ଶୀତଳ କରି ନିୟମିତ ସେବନ କଲେ ଉକ୍ତ ରୋଗଗୁଡ଼ିକ ଭଲ ହୋଇଯାଏ ।
- ପାଣି କଖାରୁ ରସରେ ଯଷ୍ଟିମଧୁକୁ ପେଶି ସାତଦିନ ପର୍ଯ୍ୟନ୍ତ ନିୟମିତ ସେବନ କଲେ ଅପସ୍ମାର ରୋଗ ଭଲ ହୋଇଯାଏ ।
- ମୁଣ୍ଡ ବିନ୍ଧା ବା ମୁଣ୍ଡଧରା ହେଉଥିଲେ ଯଷ୍ଟିମଧୁ ଚୂର୍ଣ୍ଣ ୪ ଭାଗ ଶୋଧିତ ମହୁରା ୧ ଭାଗ ଏକତ୍ର ମିଶାଇ ଅଳ୍ପ ଅଳ୍ପ ଶୁଙ୍ଘିଲେ ମୁଣ୍ଡ ବିନ୍ଧା ଭଲ ହୋଇଯାଏ ।
- ଏକ ଚତୁର୍ଥାଂଶକୁ ବ୍ରାହ୍ମୀ ରସ ସହିତ ସେହି ମାତ୍ରାରେ ମହୁ ମିଶାଇ ସେବନ କଲେ ଦୃଷ୍ଟିଶକ୍ତି ବୃଦ୍ଧିପାଏ ।
- କାଶ ହେଉଥିଲେ ଯଷ୍ଟିମଧୁ, କିସ୍‌ମିସ୍ ଏବଂ ଶୁଣ୍ଠିକୁ ସମ ପରିମାଣରେ ନେଇ ଚୂର୍ଣ୍ଣ କରି ଦୁଇ ଅଣା ମାତ୍ରାରେ ମହୁ ସହ ସେବନ କରିବା ଉଚିତ ।
- ଯଷ୍ଟିମଧୁ ସହିତ ସମପରିମାଣରେ ବାଡ଼ିଅଁଳା ଚୂର୍ଣ୍ଣ କରି ସେହି ଚୂର୍ଣ୍ଣକୁ ଦିନକୁ ଦୁଇଥର ଲେଖା ସେବନ କଲେ ହଳଦିଆପାଣ୍ଡୁ, କାମଳ ରୋଗ ଭଲ ହୋଇଯାଏ ।
- ନିୟମିତ ଯଷ୍ଟିମଧୁ ଚୂର୍ଣ୍ଣ ୧ ଗ୍ରାମଚ ଖାଇ କିଛି ସମୟ ପରେ ମହୁ ସେବନ କଲେ ଯକ୍ଷ୍ମାରେଗ ଭଲ ହୋଇଯାଏ ।

**–'ସଂଗୃହୀତ'–**

# ପରିଶ୍ରମ ତୁଳନାରେ ଲାଭ କମ୍, ଚଳିଯାଉଛି

ଭୁବନେଶ୍ୱର: ସହରର ବଡ଼ବଡିଆ ଲୋକମାନଙ୍କଠାରୁ ଆରମ୍ଭ କରି ଝୁମ୍ପୁଡି ହୋଟେଲ ପ୍ରାୟ ସମସ୍ତେ ଏମାନଙ୍କର ଗ୍ରାହକ ସାଜନ୍ତି । କିନ୍ତୁ ସେମାନଙ୍କ ଅର୍ଥନୀତିରେ କୌଣସି ସୁଧାର ଦେଖିବାକୁ ମିଳିନାହିଁ । ରାସ୍ତା କଡ ହିଁ ସେମାନଙ୍କ ପାଇଁ ସ୍ୱର୍ଗ । ଏମାନେ ଆଉ କେହି ନୁହନ୍ତି ଆମେ ଫୁଟପାଥ୍ ପାନ ଦୋକାନ ଉପରେ ଦେଖୁଥିବା ବାଉଁଶ ତାଟି ଓ ସୋମବାର ଦିନ ବିଭିନ୍ନ ତରୁଣୀମାନଙ୍କ ହାତରେ ଶୋଭା ପାଉଥିବା ବାଉଁଶ ତିଆରି ସୁନ୍ଦର ସୁନ୍ଦର ଫୁଲ ଗୁଙ୍ଗୁଡିର ନିର୍ମାତା । ସହରର ରାଜମହଲ ଛକ ଠାରୁ ରାମ ମନ୍ଦିରଛକ ମଧ୍ୟରେ ଦେଖିବାକୁ ମିଳେ ଏମାନଙ୍କୁ । ସାଧାରଣତଃ ନୀଚ ବର୍ଗର ଏହି ବାଉଁଶ ତାଟି ବିକାଳୀମାନେ ପୁରା ପରିବାରକୁ ନେଇ ରହିଥାନ୍ତି ଫୁଟପାଥିରେ । ପରିବାରର ମୁରବିମାନେ ଗୋଦାମ ମାଲିକଠାରୁ ବାଉଁଶକୁ କିଣିକି ଆଣିବା ଓ ସେଗୁଡ଼ିକୁ ଛୋଟ ଛୋଟ ଖଣ୍ଡ କରି କାଟିବା ଭଳି କାର୍ଯ୍ୟରେ ଲିପ୍ତ ରହିଥାନ୍ତି । ସ୍ତ୍ରୀ ଲୋକମାନେ ଛୋଟ ଛୋଟ ବାଉଁଶ ଖଣ୍ଡଗୁଡ଼ିକୁ ପାତିଆ ପ୍ରସ୍ତୁତ କରିଥାନ୍ତି । ପାତିଆ ପ୍ରସ୍ତୁତ ହୋଇଯିବା ପରେ ପରିବାରର ସମସ୍ତ ସଦସ୍ୟ ବିଭିନ୍ନ ସାମଗ୍ରୀ ବୁଣାବୁଣି କାର୍ଯ୍ୟରେ ଲାଗି ପଡନ୍ତି । ଏମାନେ ସହିଦନଗର ଓ ବାଣୀବିହାରରେ ଥିବା ଗୋଦାମ ମାଲିକଙ୍କଠାରୁ ବାଉଁଶ ଖଣ୍ଡ ପିଛା ୩୦ ରୁ ୪୦ ଟଙ୍କା ଦେଇ କ୍ରୟ କରିଥାନ୍ତି । ବାଉଁଶ ଶୁଖିଗଲେ ଅଥବା ପୋକ ଲାଗିଗଲେ ବହୁତ ପଇସା ବରବାଦ୍ ହୁଏ । ବାକିରେ ବାଉଁଶ ଆଣିଲେ ଠିକ୍ ସମୟରେ ଟଙ୍କା ଫେରସ୍ତ କରି ନ ପାରିଲେ ମାଲିକ ଆସି ଧମକ ଦେଇଯାଏ । ବାସଗୃହ ନାମରେ ତାଙ୍କର ରହିଛି ତାଟି ଓ ପ୍ଲାଷ୍ଟିକ ଜରି ବେଢା ଏକ ଛୋଟିଆ କୁଡିଆ । ଯେଉଁଠି ଖରା, ବର୍ଷା, ଶୀତ ସମସ୍ତେ ରାଜୁତି କରୁଛନ୍ତି । ବର୍ଷାଦିନେ ସେମାନେ ଅଧିକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ।

ବିଭିନ୍ନ ଆକାରର ତାଟି, ଡାଲା, ଟୋକେଇ, ଫୁଲ ଗୁଙ୍ଗୁଡି, ଡିବି, କୁଲା, ପାଚିଆ ଆଦି ଏମାନେ ବାଉଁଶରେ ପ୍ରସ୍ତୁତ କରିଥାନ୍ତି । ତାଟିଗୁଡ଼ିକର ଆକରକୁ ନେଇ ସେଗୁଡ଼ିକୁ ୩୦ ଟଙ୍କାରୁ ୭୦ ଟଙ୍କା ମଧ୍ୟରେ ବିକ୍ରି କରିଥାନ୍ତି । ସେହିପରି କୁଲା, ଡାଲାଗୁଡ଼ିକ ୧୦-୧୫ ଟଙ୍କା ମଧ୍ୟରେ ଫୁଲ ଗୁଙ୍ଗୁଡି ୧୫ ଟଙ୍କା, ପାଚିଆ ୫ ଟଙ୍କାରେ ବିକ୍ରି ହୋଇଥାଏ ବୋଲି ଶବର ନାୟକ (୩୫) ପ୍ରକାଶ କରିଛନ୍ତି । ବିଶେଷ କରି ଖୋର୍ଦ୍ଧା ଓ ନୟାଗଡ଼ର ପ୍ରାୟ ୨୦ ରୁ ୨୫ ପରିବାର ଏହି ବୃତ୍ତି ଉପରେ ନିର୍ଭର କରି ଚଳୁଛନ୍ତି । ପରିଶ୍ରମ ଅନୁସାରେ ଲାଭ ପରିମାଣ ବହୁତ କମ୍ ବୋଲି ଶାନ୍ତୁ ଦେହୁରୀ ନାମକ ଜନୈକ ବୁଣାଳି ପ୍ରକାଶ କରିଛନ୍ତି । ପିଲାମାନେ ପଇସା ଅଭାବରୁ ସ୍କୁଲ ଯାଇ ପାରୁନାହାନ୍ତି । ଦିନକୁ ଯେତିକି ବେପାର ହେଉଛି ସେଥିରେ ଦୁଇ ଓଳି ଦୁଇମୁଠା ଖାଇବା କଷ୍ଟକର ହୋଇପଡୁଛି । ଏହା ବ୍ୟତୀତ ଘରର ମୁରବି ପ୍ରତ୍ୟେକ ଦିନ ମଦ୍ୟପାନରେ ପଇସା ଉଡାଇ ହେଉଛି । ଭଗବାନଙ୍କୁ ଡାକି ଏଠାରେ ପଡି ରହିଛୁ ବୋଲି ସେ ପ୍ରକାଶ କରିଛନ୍ତି । ପିଲାମାନଙ୍କୁ ବଡ ମଣିଷ କରି ଗଢି ତୋଳିବା ଲାଗି କେବେ ମନ କରି ନାହାନ୍ତି କି ବୋଲି ପ୍ରଶ୍ନ କରାଯିବାରୁ ଆମ ଦୁଃଖ ତ ଆମକୁ ଖାଉଛି । ପିଲାଛୁଆଙ୍କ ପାଇଁ ତ ଏ ସବୁ କରୁଛୁ । ସେମାନେ ବଡ ହେଲେ କଣ ହେବ ତାହା କଣ କାହାର ହାତର କଥା ବୋଲି ମତ ଦିଅନ୍ତି ଏହି ବାଉଁଶ ତାଟି ବୁଣାଳି ପରିବାରର ମୁରବୀମାନେ ।

**ସମ୍ବାଦ: ୨୯।୫।୦୬**

## ଲୁଣ ବଦଳରେ ବନଜାତ ଦ୍ରବ୍ୟ ସଂଗ୍ରହ ହେଉଥିବା ଅଭିଯୋଗ

ଭବାନୀପାଟଣା (ପିପିଏସ୍): ନିରିହ ଆଦିବାସୀମାନଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ସରକାର ବନଜାତ ଦ୍ରବ୍ୟ ସଂଗ୍ରହ ଦାୟିତ୍ୱ ପଞ୍ଚାୟତଗୁଡ଼ିକ ଉପରେ ନ୍ୟସ୍ତ କରିଛନ୍ତି । ପୂର୍ବରୁ ବ୍ୟବସାୟୀମାନେ ଜଙ୍ଗଲବାସୀ ଆଦିବାସୀ-ମାନଙ୍କଠାରୁ ମନଇଚ୍ଛା ମୂଲ୍ୟରେ ବନଜାତ ଦ୍ରବ୍ୟ ଖରିଦ କରୁଥିଲେ । ସେମାନଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ଆଦିବାସୀମାନେ ଶୋଷିତ ଆଦିବାସୀମାନେ ଶୋଷିତ ହେଉଥିବା ଜାଣି ୧୯୯୯ରେ ସରକାରଙ୍କ ପକ୍ଷରୁ ଉକ୍ତ ବ୍ୟବସାୟୀମାନଙ୍କର ଲାଇସେନ୍ସ ରଦ୍ଦ କରାଗଲା । ସରକାରଙ୍କ ଏହି ପଦକ୍ଷେପ ସମୟପୋଯୋଗୀ ତଥା ମଙ୍ଗଳକର ହୋଇଥିଲେ ମଧ୍ୟ ଦୃଢ ଇଚ୍ଛାଶକ୍ତିର ଅଭାବ ହେତୁ ତାର ଶତ ପ୍ରତିଶତ ସୁଫଳ ଆଦିବାସୀମାନଙ୍କ ପାଖରେ ପହଞ୍ଚି ପାରୁ ନାହିଁ । ଅଦ୍ୟାବଧି କେତେକ ସ୍ଥାନରେ ସରକାରୀ ମୂଲ୍ୟ ନଦେଇ ଲୁଣ ବଦଳରେ ବିଭିନ୍ନ ବନଜାତ ଦ୍ରବ୍ୟ ସଂଗ୍ରହ କରାଯାଇଥିବା ଜଣାଯାଇଛି । ଦଣ୍ଡପାଟ ଏହିପରି ଏକ ଅଞ୍ଚଳ ଯେଉଁଠି ଏହି ପୁରୁଣାକାଳିଆ ବ୍ୟବସ୍ଥା ଅବ୍ୟାହତ ରହିଛି । ଏ ଅଞ୍ଚଳର ଅନ୍ୟୁନ ୨୦ଟି ପଞ୍ଚାୟତ ସମେତ ପଡୋଶୀ ନବରଙ୍ଗପୁର ଜିଲ୍ଲାର ବହୁ ଗରିବ ଆଦିବାସୀ ପ୍ରଜା ଜଙ୍ଗଲର ସେମାନଙ୍କ ଦ୍ୱାରା ସଂଗୃହିତ ଝୁଣା, ମହୁଲ, ଟୋଲ, ମହୁ, ଲିମ୍ବ ମଞ୍ଜି, ଭୂଇଁଲିମ୍ବ ପ୍ରଭୃତି ନାନା କିସମର ବନଜାତ ଦ୍ରବ୍ୟ ବେହେରା ଓ ଆମ ସାପ୍ତାହିକ ବଜାରକୁ ବିକ୍ରି ପାଇଁ ଆଣନ୍ତି । ମାତ୍ର ବେହେରା ଗ୍ରାମର ଜନୈକ ବ୍ୟବସାୟୀ ସେମାନଙ୍କ ସହ ଗୃହିତ ବନଜାତ ବିନିମୟରେ ନିର୍ଦ୍ଧାରିତ ସରକାରୀ ମୂଲ୍ୟ ପରିବର୍ତ୍ତେ ଲୁଣ ଦେଉଥିବା ଅଭିଯୋଗ ହୋଇଛି । ଏହି ଅଞ୍ଚଳର ସଂଖ୍ୟାଧିକ ଲୋକ ଆଦିବାସୀମାନେ ଟଙ୍କା ବଦଳରେ ଲୁଣ ଦେଇ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ କରୁଥିଲେ ମଧ୍ୟ ପ୍ରଶାସନ ନୀରବ । ଏହି ଆଦିବାସୀଙ୍କୁ ଶୋଷଣରୁ ମୁକ୍ତ କରିବା ପାଇଁ ପଞ୍ଚାୟତଗୁଡ଼ିକ ଉପରେ ବନ୍ୟଜାତ ସଂଗ୍ରହ ପାଇଁ ଦାୟିତ୍ୱ ଦେଇଥିଲେ ମଧ୍ୟ ତାହା ବାସ୍ତବରେ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଜଣାପଡୁନାହିଁ । ଯାହାରି ଫଳରେ ମୁନାଫାଖୋର ବ୍ୟବସାୟୀମାନେ ଆଦିବାସୀମାନଙ୍କୁ ଶୋଷଣ କରିଚାଲିଥିବାବେଳେ ଅପରପକ୍ଷ ବ୍ୟବସ୍ଥା କେବଳ ବ୍ୟବସ୍ଥାରେ ହିଁ ରହିଯାଇଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

**ପ୍ରଜାତନ୍ତ୍ର: ୨୫।୫।୦୬**

# ହାତରେ ସୁନା ପାତ, ପେଟକୁ ନାହିଁ ଭାତ !

ଭୁବନେଶ୍ୱର, ୧୮/୧ (ହି.ସ): ପୂର୍ବକାଳରେ ବାଉଁଶକୁ ଲୋକେ ଘର ତିଆରିଠାରୁ ଆରମ୍ଭ କରି ଗୃହଉପକରଣ ତିଆରି କାର୍ଯ୍ୟରେ ଲଗାଉଥିଲେ । ଏବେ କିନ୍ତୁ ଏହାର ବ୍ୟବହାର କମିଯାଉଥିବାରୁ ବାଉଁଶର କାରିଗରମାନଙ୍କ ଜୀବନ ଓ ଜୀବିକା ପ୍ରଭାବିତ ହୋଇଛି । ରାଜ୍ୟରେ ଥିବା ଆଦିବାସୀ ହରିଜନ ଅର୍ଥ ଉନ୍ନୟନ ନିଗମ ଏସବୁ ପ୍ରତି ଦୃଷ୍ଟି ଦେଇ ଏକ ସୁଚିନ୍ତିତ ପଦକ୍ଷେପ ଗ୍ରହଣ ନକଲେ ଏହି ଗ୍ରୀନ ଗୋଲ୍ଡର କାରିଗରମାନଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିବାର ସମ୍ଭାବନା ସୃଷ୍ଟି ହୋଇଛି ।

କେଉଁ ଆଦିମ କାଳରୁ ଲୋକମାନେ ସେମାନଙ୍କର ଘର ତିଆରିଠାରୁ ଆରମ୍ଭ କରି ଆବଶ୍ୟକ ବିଭିନ୍ନ ଗୃହଉପକରଣ ପାଇଁ ପ୍ରାକୃତିକ ବାଉଁଶକୁ ବ୍ୟବହାର କରି ଆସୁଛନ୍ତି । ଘର ତିଆରି କରିବା ପାଇଁ ବାଉଁଶ, ବାଉଁଶକୁ ଫଟେଇ ବତା, ବାଉଁଶର ଉର୍ଦ୍ଧ୍ୱ ଅଂଶ (ଯାହାକୁ ଗାଉଁଲି ଭାଷାରେ ଲୋକ ଅଗରା କହିଥାନ୍ତି) ଅଗରା ଇତ୍ୟାଦିକୁ ବ୍ୟବହାର କରି ଆସୁଥିବାବେଳେ ବାଉଁଶ ବତାରୁ ତିଆରି କରନ୍ତି ଘରୋଇ ଉପକରଣ । ଏହା ମଧ୍ୟରେ ଥାଏ କୁଲା, ବାଉଁଶିଆ, ଡାଲା, ବଂଶି, ଗୋରଡି, ଟୋକେଇ, ଗାଣ୍ଡୁଆ, ଟୋପଲି, ବିଚଣା, ଚାଞ୍ଚରା ତଲେଇ, ଝାମ୍ପି, ଖାଳେଇ, ଛତାବାଡି, ଓଦର, ଘୁମ ଆଦି ଅନେକ ସରଞ୍ଜାମ ।

ଏବେ ଗାଁମାନଙ୍କରେ ବିଶେଷ କରି ମହାବାତ୍ୟା ପରଠାରୁ ବହୁପରିମାଣର ଛାତପକା, ଅଗ୍ନି ନିରୋଧକ ଗୃହ ନିର୍ମାଣ କରାଯାଇଥିବାରୁ ଗୃହ ନିର୍ମାଣରେ ଯେତେ ପରିମାଣର ବାଉଁଶର ଆବଶ୍ୟକତା ପଡୁଥିଲା ଏବେ ଆଉ ସେତେ ପରିମାଣର ପଡୁନାହିଁ । କିନ୍ତୁ ବାଉଁଶକୁ ବତାକରି ବତାରୁ ବାଉଁଶ ପାତିଆ ତିଆରି କରି ଉପରୋକ୍ତ ଯେଉଁସବୁ ଗୃହଉପକରଣ ତିଆରି କରାଯାଇ ବ୍ୟବହାର କରାଯାଉଥିଲା । ଏବେ ଆଧୁନିକ ଯୁଗରେ ବିଜ୍ଞାନର ଅଗ୍ରଗତି ଯୋଗୁଁ ସେସବୁ ସରଞ୍ଜାମ ଆଉ ଦରକାର ପଡୁନାହିଁ । ହିନ୍ଦୁ ପରମ୍ପରା ଅନୁସାରେ ବାହାଘର, ବ୍ରତଘର, ଯଜ୍ଞ, ଆଦି କାର୍ଯ୍ୟରେ ନୂଆ କୁଲା, ବାଉଁଶିଆ, ବାଉଁଶର ତାଟ ଆଦି ବ୍ୟବହାର କରାଯିବାର ପରମ୍ପରା ଏବେ ମଧ୍ୟ ଚଳିଆସୁଛି । ଗାଁମାନଙ୍କରେ ଲୋକେ ନୂଆ ଗଛ ଲଗାଇଲେ ତାହାର ସୁରକ୍ଷା ପାଇଁ ବାଉଁଶରେ ତିଆରି ଗୋରଡି ବ୍ୟବହାର କରୁଥିଲେ । ଏବେ କିନ୍ତୁ ତାରଜାଲି ବ୍ୟବହାର କରାଯାଉଛି ।

ଗାଁ ଗହଳିରେ ଆଗେ ବହୁପରିମାଣର ଚାଞ୍ଚରା, ତଲେଇ ବ୍ୟବହାର କରାଯାଉଥିଲା । ଏବେ ସେସବୁ କେଉଁଠି ଗାଁମାନଙ୍କରେ ବ୍ୟବହାର କରାଯାଉଥିବାର ଦେଖାଯାଉନାହିଁ । ତେବେ ଗାଁ ଗହଳିଠାରୁ ସହର ବଜାର ପର୍ଯ୍ୟନ୍ତ ଏହି ବାଉଁଶ ପାତିଆରୁ ତିଆରି କୁଲା, ବାଉଁଶିଆ, ଖଇଛଡା, ଡାଲା, ଗୁଙ୍ଗୁଡି ଆଦି ବ୍ୟବହାର କରାଯାଉଥିବା ଦେଖାଯାଏ । ଆଗରୁ ମୁଲିଆ ସାହାଯ୍ୟରେ ମାଟି ବୋହିବା ପାଇଁ ବାଉଁଶ ବତାରେ ତିଆରି ଗାଣ୍ଡୁଆ ଓ ଝୁଡି ବ୍ୟବହାର କରାଯାଉଥିଲା । ଏବେ ଗାଣ୍ଡୁଆ ବ୍ୟବହାର କରାଯାଉଥିଲେ ମଧ୍ୟ ବହୁଳ ଭାବରେ ବ୍ୟବହାର କରାଯାଉନାହିଁ । କାରଣ ଆଧୁନିକ ଯୁଗରେ ଯନ୍ତ୍ରମାନବ ବା ମେସିନ୍ ସାହାଯ୍ୟରେ ମାଟି ଖୋଳି ଟ୍ରାକ୍ଟର, ଟ୍ରକ ଇତ୍ୟାଦିରେ ଲୋଡ୍‌କରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଅଳ୍ପ ଖର୍ଚ୍ଚ ଓ ଅଳ୍ପ ସମୟ ମଧ୍ୟରେ ନିଆଯାଇ ପାରୁଛି ।

ଗ୍ରୀନ ଗୋଲ୍ଡ ବାଉଁଶରୁ ବାଉଁଶ ପାତିଆ ତିଆରି କରି ସେଥିରେ ତିଆରି କରାଯାଉଥିବା କୁଲା, ବାଉଁଶିଆ, ଖଇଛଡା, ଫୁଲଗୁଙ୍ଗୁଡି ଇତ୍ୟାଦର ମୂଲ୍ୟ କମିଗଲା । ଗୋଟିଏ ବାଉଁଶ ଚିରି ତାକୁ ସାଇଜ କରି ଫଟେଇ ପାତିଆ ତିଆରି କରି ସେଥିରୁ ଯେତୋଟି କୁଲା ତିଆରି କରାଗଲା ଓ ଯେତେ ଦିନର ପରିଶ୍ରମରେ ତିଆରି କରାଗଲା ସେହି ଅନୁସାରେ ପାରିଶ୍ରମିକ ମିଳିଲା ନାହିଁ । ତାଛଡା ପ୍ରତ୍ୟେକ ଦିନ ସେସବୁର ବିକ୍ରୟ ହେଉନାହିଁ କେବଳ ବାହାଘର, ବ୍ରତଘର ସମୟରେ ଯାହା ବିକ୍ରି ହେଉଛି ।

ଲୋକଙ୍କର ଆବଶ୍ୟକତାଥାଇ ଏବଂ ତିଆରି କରିବାକୁ ଲୋକଥିଲେ ମଧ୍ୟ କଞ୍ଚାମାଲ ପାଇଁ ଅର୍ଥ ଓ ବିକ୍ରୟ ବ୍ୟବସ୍ଥା ନଥିବାରୁ ଏହି କୁଲା, ବାଉଁଶିଆ, ଖଇଛଡା ପ୍ରଭୃତି ତିଆରି କରୁଥିବା ଦଳିତ ଶ୍ରେଣୀର ଲୋକମାନଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡିଲାଣି । ସହର ବଜାର ଜାଗାରେ ଏହିସବୁ ଗୃହ ଉପକରଣ ତିଆରି କରୁଥିବା ଲୋକମାନେ ବାହାଘର, ବ୍ରତଘର ଆଦି ସମୟରେ କୁଲା, ବାଉଁଶିଆ ଆଦି ତିଆରି କରୁଥିବାବେଳେ ଅନ୍ୟ ପୂଜା ଉତ୍ସବ ସମୟ ତଥା ଗଣେଷ ପୂଜା, ସରସ୍ୱତୀ ପୂଜା, କାଳୀ ପୂଜା, ଦୁର୍ଗା ପୂଜା, ଲକ୍ଷ୍ମୀ ପୂଜା, କାର୍ତ୍ତିକ ପୂଜା ଆଦି ପୂଜା ଉତ୍ସବ ସମୟରେ ପୂଜାମଣ୍ଡପରେ ବ୍ୟବହାର କରାଯାଉଥିବା ବାଉଁଶପାତ ମେଢ, ତୋରଣ ଆଦି ତିଆରି କରି ବିକ୍ରୟ କରିଥାନ୍ତି ।

ମାତ୍ର ଗାଁ ଗହଳିରେ ଏସବୁର ବ୍ୟବହାର କରାଯାଉନଥିବାରୁ ଗାଁମାନଙ୍କରେ ଏହିସବୁ ଗୃହ ଉପକରଣ ତିଆରି କରୁଥିବା ଦଳିତ ଶ୍ରେଣୀର ପରିବାରମାନଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡୁଥିବା ବେଳେ ସେମାନେ ଏସବୁ ତିଆରି କରିବା ପାଇଁ ବାଉଁଶ କିଣିବା ପାଇଁ ମଧ୍ୟ ସେମାନଙ୍କର ଆର୍ଥିକ ସମ୍ବଳ ନାହିଁ । ତେଣୁ ସରକାର ଏହି ଦଳିତ ଶ୍ରେଣୀର କାରିଗରମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେଲେ ସେମାନେ ବାଉଁଶ କିଣି ଏହିସବୁ ଗୃହପୋକରଣର ତିଆରି କରିପାରିବେ । ଏତଦ୍‌ବ୍ୟତୀତ ଏସବୁର ବିକ୍ରୟ ପାଇଁ ବଜାର ବ୍ୟବସ୍ଥା ମଧ୍ୟ କରିବା ଦରକାର । ଆମ ରାଜ୍ୟରେ ଥିବା ଆଦିବାସୀ ଓ ହରିଜନ ଅର୍ଥ ଉନ୍ନୟନ ନିଗମ ଏଥିପ୍ରତି ଦୃଷ୍ଟି ଦେଇ ଏକ ସୁନିଶ୍ଚିତ ଯୋଜନା ପ୍ରସ୍ତୁତ କରିବା ଏକାନ୍ତ ଆବଶ୍ୟକ ।

**ପ୍ରଜାତନ୍ତ୍ର: ୧୯.୦୧.୦୭**

# ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ
# ଓଡ଼ିଶା ସରକାର

ବିଜ୍ଞପ୍ତି

ଭୁବନେଶ୍ୱର ତା୨୪.୨.୨୦୦୭

ସଂଖ୍ୟା-କେ.ଏଲ୍ (ବି) ୩/୨୦୦୬-୨୯୪୩/ଏଫ୍ ଆଣ୍ଡ ଇ

କେନ୍ଦୁପତ୍ର (ବ୍ୟବସାୟ ନିୟନ୍ତ୍ରଣ) ଆଇନ ୧୯୬୧ ଧାରା ୪ର ଉପଧାରା ୧, ଓଡ଼ିଶା ଆଇନ ୧୯୬୧ ର ଆଇନ ୨୮ ଅନୁଯାୟୀ ରାଜ୍ୟ ସରକାର କେନ୍ଦୁପତ୍ର ଉପଦେଷ୍ଟା କମିଟି ସହ ପରାମର୍ଶ ପରେ ରାଜ୍ୟ ସରକାର କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ରାଜ୍ୟର ସମସ୍ତ କେନ୍ଦ୍ରରେ ୨୦୦୭ ମସିହାରେ କେନ୍ଦୁପତ୍ର କ୍ରୟ କରିବା ନିମନ୍ତେ ନିମ୍ନୋକ୍ତ ମୂଲ୍ୟ ଧାର୍ଯ୍ୟ କରିଛନ୍ତି :

କ) ପ୍ରୋସେସ କେନ୍ଦୁପତ୍ର ଉତ୍ପାଦନ ଅଞ୍ଚଳରେ କେନ୍ଦୁପତ୍ର ତୋଳାଳିଙ୍କଠାରୁ ୨ ଗୋଟି ଆବରଣ ପତ୍ର ସହ ୨୦ ଗୋଟି ବିଡି ଉପଯୋଗୀ କଞ୍ଚା କେନ୍ଦୁପତ୍ର (ଏକ କେରି)କୁ ୨୩ ପଇସାରେ କିଣାଯିବ ।

ଖ) ଫାଳ କେନ୍ଦୁପତ୍ର ଉତ୍ପାଦନ ଅଞ୍ଚଳରେ କେନ୍ଦୁପତ୍ର ତୋଳାଳିଙ୍କଠାରୁ ୨ ଗୋଟି ଆବରଣ ପତ୍ର ସହ ୪୦ ଗୋଟି ବିଡି ଉପଯୋଗୀ କଞ୍ଚା କେନ୍ଦୁପତ୍ର (ଏକ କେରି)କୁ ୪୬ ପଇସା ଦରରେ କିଣାଯିବ ।

ଗ) ଉତ୍ପାଦନକାରୀଙ୍କ ଦ୍ୱାରା ଉତ୍ପାଦିତ କେନ୍ଦୁପତ୍ରକୁ ଶୁଖାଇବା ଓ ଗଛିତ କରିବା ମୂଲ୍ୟକୁ ମିଶାଇ କ୍ୱିଣ୍ଟାଲ ପିଛା ୧୩୫୦ (ତେର ଶହ ପଚାଶ) ଟଙ୍କା ଦରରେ କିଣାଯିବ, କିନ୍ତୁ ଏଥିରେ ନିମ୍ନଲିଖିତ ସର୍ତ୍ତାବଳୀ ଲାଗୁ ହେବ ।

୧. ଉତ୍ପାଦନକାରୀଙ୍କ କେନ୍ଦୁପତ୍ରର ପ୍ରକ୍ରିୟାକରଣ କେନ୍ଦୁପତ୍ର ସଂସ୍ଥା ଦ୍ୱାରା ନିଜ ଖର୍ଚ୍ଚରେ କରାଯିବ ଏବଂ ପ୍ରତ୍ୟେକ ଉତ୍ପାଦନକାରୀ ଏହାକୁ ବିଡା ବାନ୍ଧି ପଇଠ କଲାପରେ ସେମାନଙ୍କର ପାଉଣା ଦିଆଯିବ ।

୨. ୨୦୦୭ ମସିହା ଶସ୍ୟ ବର୍ଷରେ ଲକ୍ଷଧାର୍ଯ୍ୟ କରାଯାଇଥିବା କେନ୍ଦୁପତ୍ର ଉତ୍ପାଦନର ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ଉତ୍ପାଦନକାରୀଙ୍କଠାରୁ କେନ୍ଦୁପତ୍ର କିଣାଯିବ ।

୩. କେନ୍ଦୁପତ୍ରକୁ ଉତ୍ପାଦନକାରୀମାନଙ୍କର ସବିଶେଷ ସର୍ବେକ୍ଷଣ ଓ ପଞ୍ଜିକରଣ ପରେ ହିଁ ସେମାନଙ୍କଠାରୁ କେନ୍ଦୁପତ୍ର ସଂଗ୍ରହ କରାଯିବ ।

ରାଜ୍ୟପାଳଙ୍କ ଆଦେଶ କ୍ରମେ

ପି.ଏନ୍.ପାଢୀ

ସରକାରଙ୍କ ସ୍ୱତନ୍ତ୍ର ସଚିବ

କୁଳ ବେଉଷାରେ ମଗ୍ନ ବାଉଁଶ କାରିଗର



# ଝାଡ଼୍ଦାର୍

(କେବଳ ଘରୋଇ ପ୍ରସାରଣ ନିମିତ୍ତ)

**ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**
**(ଆର୍.ସି.ଡି.ସି)**
୪୨୪, ଶହୀଦ ନଗର
ଭୁବନେଶ୍ୱର-୭୫୧୦୦୭
ଫୋନ୍-(୦୬୭୪)୨୫୪୭୮୧୩/୨୫୪୭୫୮୫/୨୫୪୭୮୯୭
ୱେବ୍‌ସାଇଟ୍ : www.banajata.org, www.rcdcindia.org
ଇମେଲ୍ : rcdcbbsr@sancharnet.in

**ଆର.ସି.ଡି.ସି. ସେଣ୍ଟର୍ ଫର୍**
**ୱାଟର୍ ଫର୍ ଲାଇଫ୍**
୪୨୪, ଶହୀଦ ନଗର
ଭୁବନେଶ୍ୱର - ୭୫୧ ୦୦୭
ଫୋନ-୦୬୭୪-୨୫୪୭୫୮୫/୨୫୪୭୮୯୭
ଇମେଲ୍ : rcdccwl@bsnl.in

**ଆର୍‌ସିଡିସି ସେଣ୍ଟର୍ ଫର୍ ଫରେଷ୍ଟ ଆଣ୍ଡ ଗଭର୍ଣ୍ଣାନ୍ସ**
ଏନ୍/୪-୩୪୨, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୧୫
ଫୋନ୍ : ୦୬୭୪-୨୫୫୨୪୯୪
ଇମେଲ୍ : rcdccfg@bsnl.in

**ଆର୍.ସି.ଡି.ସି.**
ପ୍ୟାଲେସ୍ ଲାଇନ, ବଲାଙ୍ଗୀର-୭୬୭୦୦୧
ଫୋନ-୦୬୬୫୨-୨୩୪୮୪୨
ଇମେଲ୍ : rcdcbgr@bsnl.in

**ଆର.ସି.ଡି.ସି.**
**ସେଣ୍ଟର ଫର୍ କମ୍ୟୁନିଟି ଡେଭ୍‌ଲପ୍‌ମେଣ୍ଟ୍**
ମଦର ଟେରେସା ମାର୍ଗ, ବ୍ଲକ୍ ଛକ ନିକଟ,
ନବରଙ୍ଗପୁର-୭୬୪୦୫୯
ଫୋନ୍-୦୬୮୫୮-୨୨୩୭୯୨
ଇମେଲ୍ : rcdcngr@bsnl.in